ବର୍ଷ-୨୬, ସଂଖ୍ୟା-୨୮୨
ଭୁବନେଶ୍ୱର
ଅକ୍ଟୋବର, ୧୯, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 282
Bhubaneswar
October, 19, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

**ଛୁଟିଘୋଷଣା**

ଶାରଦୀୟ ଦୁର୍ଗାପୂଜା ଅବସରରେ ଦୈନିକ ମହାଭାରତ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୩ ତାରିଖରେ ପ୍ରକାଶ ପାଇବ । - ପରିଚାଳକ



## ଭୁବନେଶ୍ୱର ଦଶହରାରେ ଆକର୍ଷଣୀୟ ତୋରଣ













# 'ଯୁବଶକ୍ତି ମୋଦୀଜୀଙ୍କ ବିକାଶ ନୀତି ସହିତ ଅଛନ୍ତି'

## ବିଜୟୀ ଏବିଭିପି ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ସହ ଗୁରୁ ମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ

କଟକ,୧୮।୧୦(ମହାଭାରତ):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକସ୍ଥିତ ଇନଡୋର ଷ୍ଟାଡିଅମଠାରେ ଆୟୋଜିତ ଭବ୍ୟ ସମାରୋହରେ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ପ୍ରତିନିଧିମାନଙ୍କୁ ଭେଟି ଶୁଭେଚ୍ଛା ଜଣାଛନ୍ତି । ଏହି ଅବସରରେ ସେ କହିଛନ୍ତି, ପୂର୍ବବର୍ତ୍ତୀ ସରକାର ୨୦୧୭ ମସିହାରୁ ଦୀର୍ଘ ପ୍ରାୟ ଏକ ଦଶନ୍ଧି ଧରି ନିର୍ବାଚନ ବନ୍ଦ ରଖି କ୍ୟାମ୍ପସରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ଥଗିତ କରିଦେଇଥିଲେ ।



ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଡ଼ମ୍ବନାର ବିଷୟ, ଛାତ୍ର ଆନ୍ଦୋଳନରୁ ରାଜନୀତି ଆରମ୍ଭ କରିଥିବା ତତ୍କାଳୀନ ଶାସକ ଦଳର ଶୀର୍ଷ ନେତୃବୃନ୍ଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ ନିଜ ମୁଖିଆଙ୍କ ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ ନ କରି ନୀରବ ରହିଥିଲେ । କାରଣ ଛାତ୍ର ସମାଜ ଉପରେ ସେମାନଙ୍କର ଆସ୍ଥା ନଥିଲା । ଆମେ ନିର୍ବାଚନ କରାଇବା ପାଇଁ ସଂକଳ୍ପ ନେବା ବେଳେ 'ଦେଶର ମାହୋଲ ଅନୁକୂଳ ନାହିଁ' କିମ୍ବା 'ଜେନ୍-ଜି' ଅସନ୍ତୁଷ୍ଟ' ଭଳି ଭ୍ରାନ୍ତ ତଥ୍ୟ ଦେଇ ନିର୍ବାଚନ ଟାଳିବାକୁ ଚାପ ପକାଯାଇଥିଲା । କିନ୍ତୁ ଆମେ ପ୍ରତିଶ୍ରୁତି ରକ୍ଷା କଲୁ ଏବଂ ସମଗ୍ର ରାଜ୍ୟରେ ଏହି ନିର୍ବାଚନକୁ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପାଦିତ କରି ଆମର ଛାତ୍ର ସମାଜ ପ୍ରମାଣ କରିଦେଲେ ଯେ କ୍ୟାମ୍ପସ ହିଂସା କେବଳ ପୂର୍ବ ଶାସନର କଳଙ୍କିତ ଇତିହାସ ଥିଲା । ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ସାରି ଆମ ଯୁବଶକ୍ତି ପୂର୍ବ ସରକାରଙ୍କୁ ମୁହଁତୋଡ଼ ଜବାବ ଦେଇଛି । ସର୍ବୋପରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରି ଓଡ଼ିଶାରେ ମଧ ଏବିଭିପିର ଐତିହାସିକ ବିଜୟ ପ୍ରମାଣ କରିଛି ଯେ ଯୁବଶକ୍ତି ମୋଦୀଜୀଙ୍କ ବିକାଶ ନୀତି ସହିତ ଅଛନ୍ତି ।

ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ମୁଁ ସ୍ମରଣ କରାଇଦେବାକୁ ଚାହେଁ ଯେ, ଏହି ବିଜୟ କୌଣସି ଅହଙ୍କାରର ବିଷୟ ନୁହେଁ, ବରଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟର ପ୍ରାରମ୍ଭ । ଜଣେ ନେତା ହେବାର ଅର୍ଥ କେବଳ ରାଜନୀତିରେ ସୀମିତ ରହିବା ନୁହେଁ; ସାଧାରଣ ଛାତ୍ରଛାତ୍ରୀଙ୍କ ଶିକ୍ଷା, ହଷ୍ଟେଲ ଓ କ୍ରୀଡ଼ା ଭଳି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ସହ ସରକାରୀ ଜନକଲ୍ୟାଣ ଯୋଜନାର ଲାଭ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ସେତୁ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ସର୍ବୋପରି, କଲେଜ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି କ୍ୟାମ୍ପସଗୁଡ଼ିକୁ ହିଂସାମୁକ୍ତ ଓ ନିଶାମୁକ୍ତ ରଖିବା ଅତ୍ୟନ୍ତ ଆବଶ୍ୟକ । ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଥିବା ଅପଶକ୍ତିମାନଙ୍କର ଭିତ୍ତିହୀନ ଅପପ୍ରଚାରକୁ ସକରାତ୍ମକ ବାର୍ତ୍ତା ମାଧ୍ୟମରେ ପ୍ରତିହତ କରି 'ଜ୍ଞାନ, ଶୀଳ, ଏକତା' ଆଦର୍ଶରେ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ମୁଁ ସମସ୍ତ ଯୁବ ପ୍ରତିନିଧିଙ୍କୁ ଆହ୍ୱାନ କରୁଛି ।

## କୋଲକାତା ଦଳାଚକଟାର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ

କୋଲକାତା,୧୮।୧୦(ମହାଭାରତ):: ଉତ୍ତର କୋଲକାତା ଚୋରବାଗାନ କ୍ଷେତ୍ର ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ଶନିବାର ସନ୍ଧ୍ୟାରେ ହୋଇଥିବା ଦଳାଚକଟାରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୫ ଜଣ ଆହତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର ଏହା ପୁଷ୍ଟି କରିଛନ୍ତି । ଏହି ଘଟଣା ସନ୍ଧ୍ୟା ପ୍ରାୟ ୭ଟା୪୦ ମିନିଟ୍ ରେ ଗିରିଶ ପାର୍କ ଥାନା ଅଞ୍ଚଳରେ ଘଟିଥିଲା । ପୂଜା ଦର୍ଶନାର୍ଥୀଙ୍କ ଭାରି ଭିଡ ଓ ବର୍ଷା ଯୋଗୁ ଏପରି ପରିସ୍ଥିତି ଉପୁଜିଥିଲା । ମୁଖ୍ୟମନ୍ତ୍ରୀ ଘଟଣାର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ମାମଲାରେ ପୋଲିସ ଆୟୋଜନକାରୀଙ୍କ ସମେତ ମୋଟ ୧୨ ଜଣଙ୍କୁ ଅଟକ ରଖିଛି । ଅନ୍ୟପଟେ କିଛି ପ୍ରମୁଖ ପୂଜାମଣ୍ଡପରେ ପ୍ରବେଶ କଟକଣା ଜାରି ହୋଇଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ପୀଡ଼ିତଙ୍କ ପରିବାର ଲାଗି ୨୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଘୋଷଣା କରିଥିବା ବେଳେ ପରିବାରର ଜଣକୁ ସରକାରୀ ଚାକିରି ଦେବାକୁ ମଧ ପ୍ରତିଶ୍ରୁତି ଦେଇଛନ୍ତି । ଏହା ଛଡା ଦଳାଚକଟା ଘଟଣାର ନିରପେକ୍ଷ ଯାଞ୍ଚ ଲାଗି ସରକାର ଜଣେ କାର୍ଯ୍ୟରତ ଜଜ୍ ଙ୍କ ଦେଖରେଖରେ ତଦନ୍ତ କମିଟି ଗଠନ କରିବାକୁ ଘୋଷଣା କରିଛନ୍ତି । ସେହିପରି ମାମଲାର ତଦନ୍ତ ଏସଟିଏଫ ଦ୍ୱାରା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ଲୋକ ଭବନର ଅଭିଷେକ ହଲ୍ ଠାରେ ଓଡ଼ିଶା ହାଇ କୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ୍ ଓଡ଼ିଶାର ରାଜ୍ୟପାଳ ଭାବେ ବ୍ରଜମୋହନ ରାମ'ଙ୍କୁ ଶପଥ ପାଠ କରାଉଛନ୍ତି । ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ଥାନା ପରିସରରେ କରେଣ୍ଟ ଲାଗି ଦୁଇ ଯୁବକ ମୃତ

ପୁରୀ,୧୮।୧୦(ମହାଭାରତ): ବଳିଆପଣ୍ଡା ଥାନା ଭିତରେ ଅଭାବନୀୟ ଘଟଣା ଘଟିଛି । ଥାନା ଭିତରେ କେବୁଲ କାମ କରୁଥିବା ବେଳେ କରେଣ୍ଟ ଲାଗି ଦୁଇ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଦୁଇ ଯୁବକ ରାମମନ୍ଦିର ଜାଲି ସାହିର ସୁବ୍ରତ ସାହୁ ଓ ବଳିଆପଣ୍ଡା ମହାରଣା ସାହିର ବାପି ପ୍ରଧାନ । ବିଦ୍ୟୁତ୍ ଆଘାତ ପରେ ପୋଲିସ ଉଭୟଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରିଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତେବେ ଦୁଇ ଯୁବକଙ୍କ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଛି । ପୁରୀ ଏସପି ପ୍ରତୀକ ସିଂଙ୍କ ସହ ଥାନା ଅଧିକାରୀ ଓ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।



ଶବ ବ୍ୟବଚ୍ଛେଦ ଗୃହରେ ମୃତଦେହ ରଖାଯାଇଥିବା ବେଳେ ପରିବାର ଲୋକଙ୍କୁ ପୋଲିସ କଣ ପାଇଁ ପ୍ରଥମେ ସୂଚନା ଦେଲା ନାହିଁ ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି ।

# ଟାଇଗର ଶ୍ରଫଙ୍କୁ ଗୁଳିମାଡ଼

ନୂଆଦିଲ୍ଲୀ,୧୮।୧୦(ମହାଭାରତ): ମହାରାଷ୍ଟ୍ରର ମୁମ୍ବାଇର ଜୁହୁ ଅଞ୍ଚଳରେ ଅଭିନେତା ଟାଇଗର ଶ୍ରଫଙ୍କ କାର ଉପରେ ଗୁଳି ଚଳାଇବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୋଲିସର ସୂଚନା ଅନୁଯାୟୀ, ଅଭିନେତା ସୁରକ୍ଷିତ ଏବଂ ଅକ୍ଷତ ଅଛନ୍ତି । ସାତ ରାଉଣ୍ଡ ଗୁଳି ଚାଳନା ହୋଇଥିବା ଜଣାପଡ଼ିଛି । ଗୁଳିକାଣ୍ଡରେ ଦୁଇ ଜଣ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଟାଇଗର ଶ୍ରଫଙ୍କ ଡ୍ରାଇଭର ଫିରଦୋଶ, ଯାହାଙ୍କ ବାମ ହାତରେ ଗୁଳି ବାଜିଛି । ଗୁଳିକାଣ୍ଡର ତଦନ୍ତ ପାଇଁ ମୁମ୍ବାଇ ପୋଲିସ ମୋଟ ୧୫ ଟି ଦଳ ଗଠନ କରିଛି । ଫରେନସିକ୍ ଦଳ ଘଟଣାସ୍ଥଳ ଯାଞ୍ଚ କରୁଛି । ସାନ୍ତାକ୍ରୁଜ୍ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି ।



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଘଟଣା ବିଷୟରେ ପଚାରିବା ପାଇଁ ମୁମ୍ବାଇ ପୋଲିସ କମିଶନରଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଥିଲେ ଏବଂ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଟାଇଗର ଶ୍ରଫଙ୍କ ଉପରେ ଗୁଳି ଚଳାଇବା ପାଇଁ ନିଜକୁ ଦାୟୀ କରିଛି । ଏହି ସମୟରେ, ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସିନ୍ଦେ କହିଛନ୍ତି, 'ମୁମ୍ବାଇରେ ଭୟ ସୃଷ୍ଟି କରୁଥିବା ଲୋକଙ୍କୁ ଛଡ଼ାଯିବ ନାହିଁ । ଆମେ ଦୋଷୀ ମାନଙ୍କୁ ଖୋଜି ଦଣ୍ଡ ଦେବୁ । ଆମେ ସମସ୍ତ ଗ୍ୟାଙ୍ଗକୁ ନିପାତ କରିବୁ ।'

ପ୍ରାଥମିକ ସୂଚନା ଅନୁଯାୟୀ, ଟାଇଗର ଶ୍ରଫ ତାଙ୍କ କାରରେ ଏକ ସଭାକ୍ଷେତ୍ର ଛାଡି ଯାଉଥିଲେ । ତାଙ୍କୁ ବିଦାୟ ଦେବା ପାଇଁ ବହୁ ସଂଖ୍ୟକ ଲୋକ ଏକାଠି ହୋଇଥିଲେ । ତାଙ୍କ କାରକୁ ଲକ୍ଷ୍ୟ କରି ଭିଡ଼ ଭିତରୁ ସାତ ରାଉଣ୍ଡ ଗୁଳି ଚାଳନା କରାଯାଇଥିଲା । ମୁମ୍ବାଇ ପୋଲିସ ଅନୁଯାୟୀ, ଆକ୍ରମଣରେ ଟାଇଗର ଶ୍ରଫ ଆହତ ହୋଇନାହାଁନ୍ତି । ଏହି ଘଟଣା ଜୁହୁ ପୋଲିସ ଷ୍ଟେସନ ଅଞ୍ଚଳରେ ଘଟିଛି । ଗୁଳିଚାଳନାରେ ଅଭିନେତାଙ୍କ ଡ୍ରାଇଭର ସମେତ ଦୁଇ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଜଣେ ଅଟୋ-ରିକ୍ସା ଡ୍ରାଇଭର ଥିବା ଜଣାପଡ଼ିଛି ।

ଟାଇଗର ଶ୍ରଫଙ୍କ ଉପରେ ଗୁଳିମାଡ଼ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ରୁପ୍ ନିଜକୁ ଦାୟୀ କରିଛି । ଲରେନ୍ସ ବିଷ୍ଣୋଇ ଗ୍ରୁପ୍ ପକ୍ଷରୁ ଅନିଲ ପଣ୍ଡିତ ଅନମୋଲ ବିଷ୍ଣୋଇ ପୋଷ୍ଟଟି ସେୟାର କରି ଲେଖିଛନ୍ତି, 'ଜୟ ମହାକାଳ, ଜୟ ଶ୍ରୀ ରାମ । ଆଜି ଟାଇଗର ଶ୍ରଫ୍ ଏହା କରିଛନ୍ତି । ମୁଁ ଅନିଲ ପଣ୍ଡିତ ଏବଂ ହରମନ ସନ୍ଧୁ ଏହାର ଦାୟିତ୍ୱ ନେଉଛୁ । ଆମେ ତାଙ୍କୁ ଫୋନ୍ କରି ବୁଝାଇଥିଲୁ, କିନ୍ତୁ ସେ ବୁଝିପାରିଲେ ନାହିଁ । ତେଣୁ, ଆଜି ଆମେ ତାଙ୍କୁ ଭଲ ଭାବରେ ବୁଝାଇଲୁ । ମୁମ୍ବାଇ ଫିଲ୍ମ ଇଣ୍ଡଷ୍ଟ୍ରିରେ ଯିଏ ଆମ କଥା ଶୁଣିନାହିଁ କିମ୍ବା ସଲମାନ ଖାନଙ୍କ ସହ କାମ କରନ୍ତି, ସେ ପରବର୍ତ୍ତୀ ସମୟରେ ଆସିବେ । କେବଳ ଅପେକ୍ଷା କରନ୍ତୁ ଏବଂ ଦେଖନ୍ତୁ ।' ପ୍ରାଥମିକ ସୂଚନା ଅନୁଯାୟୀ, ଏକ ମୋଟର ସାଇକେଲରେ ତିନି ଜଣ ଅଜ୍ଞାତ ବ୍ୟକ୍ତି ଅଭିନେତା ଟାଇଗର ଶ୍ରଫଙ୍କ କାର ଉପରେ ଗୁଳି ଚଳାଇଥିଲେ । ତଥାପି, ଘଟଣା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ । ପୋଲିସ ଘଟଣାର କ୍ରମକୁ ଏକତ୍ର କରିବାକୁ ଏବଂ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି । ପୋଲିସ ଅଭିଯୁକ୍ତଙ୍କ ପାଇଁ ତଲାସ ଆରମ୍ଭ କରିଛି । ଘଟଣାସ୍ଥଳ ଏବଂ ଆଖପାଖ ଅଞ୍ଚଳରୁ ସିସିଟିଭି ଫୁଟେଜ୍ ସ୍କାନ କରାଯାଉଛି ।

## ବାଲିଯାତ୍ରା ପଡ଼ିଆରେ ହତ୍ୟା

କଟକ,୧୮।୧୦(ମହାଭାରତ): ବାଲିଯାତ୍ରା ତଳ ପଡ଼ିଆ ନଦୀପଠାରେ ନିର୍ମମ ହତ୍ୟାକାଣ୍ଡ । ନାବାଳକକୁ ଛୁରାମାଡ଼ କରି ସଂଘବଦ୍ଧ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ । ନଦୀପଠାକୁ ଡାକି ନେଇ ସଂଘବଦ୍ଧ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି । ନଦୀପଠାରୁ ୧୦୦ ମିଟର ପର୍ଯ୍ୟନ୍ତ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଫରେନସିକ୍ ଟିମ୍ ପହଞ୍ଚି ଛାନଭିନ୍ ଚଳାଇଛି । କଟକ ସ୍ୱଶାଳ ସ୍କ୍ୱାଡ୍ ଏସିପି ଏବଂ କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି ଘଟଣାସ୍ଥଳରେ ସରଜମିନ ତଦନ୍ତ କରିଛନ୍ତି । ତେବେ ହତ୍ୟାର ଶିକାର ନାବାଳକଙ୍କର ଏପର୍ଯ୍ୟନ୍ତ ପରିଚୟ ପାଇବାରେ ପୁଲିସ ବିଫଳ ହୋଇଛି । କିଏ, କାହିଁକି ଓ କେଉଁ ଉଦ୍ଦେଶ୍ୟ ରଖି ନାବାଳକକୁ ହତ୍ୟା କଲେ ନଦୀ ପଠାକୁ ଡ଼ାକି ନେଇ ହତ୍ୟା କରିବା ପଛରେ ରହସ୍ୟ କଣ ତାର ରହସ୍ୟ କାଢିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି । ରକ୍ତ ଛିଟାରୁ ଜଣାପଡିଛି ଯେ, ହତ୍ୟାକାଣ୍ଡ ଆଜି ସକାଳୁ କରାଯାଇଛି । ପାର୍ବଣ ଋତୁ ଚାଲିଥିବା ବେଳେ କଟକରେ ଅପରାଧ ବୃଦ୍ଧି ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି ।

# ଫ୍ରାନ୍ସରେ ବ୍ୟାପକ ହିଂସାକାଣ୍ଡ

ନୂଆଦିଲ୍ଲୀ,୧୮।୧୦(ମହାଭାରତ): ଫ୍ରାନ୍ସରେ ଦର ଦାମ ଏବଂ ସେବାଗୁଡିକରେ ବୃଦ୍ଧିକୁ ନେଇ ଚାଲିଥିବା ପ୍ରତିବାଦରେ ରବିବାର ଉଗ୍ରରୂପ ଧାରଣ କରିଛି । ଜଣେ ପ୍ରତିବାଦକାରୀଙ୍କ ମୃତ୍ୟୁକୁ ପରେ ଆନ୍ଦୋଳନକାରୀମାନେ ହିଂସାତ୍ମକ ହୋଇଉଠିଛନ୍ତି । ଏଥିରେ ୫ ଶହରୁ ଉର୍ଦ୍ଧ୍ୱ ପୁଲିସ କର୍ମୀ ଆହତ ହୋଇଥିବା ବେଳେ ୧୮୦୦ ଆନ୍ଦୋଳନକାରୀଙ୍କୁ ପୁଲିସ ଗିରଫ କରିଛି । ଦେଶର ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଚାଲିଆସୁଥିବା ବେଳେ ଶନିବାର ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନକାରୀମାନେ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଦୋକାନ ବଜାର ଭଙ୍ଗାରୁଜା କରିଥିଲେ । ଫଳରେ ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀ ଓ ପୁଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ରବିବାର ପ୍ରତିବାଦ କରୁଥିବା ଜଣେ ବ୍ୟକ୍ତିଙ୍କର ହୃଦଘାତରେ ମୃତ୍ୟୁ ଘଟିବା ପରେ ଲୋକେ ତାତି ଉଠିଥିଲେ । ଆନ୍ଦୋଳନକାରୀମାନଙ୍କ ଆକ୍ରମଣରେ ୫୦୦ରୁ ଉର୍ଦ୍ଧ୍ୱ ପୁଲିସ ଅଫିସର ଆହତ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡିଛି । ଫ୍ରାନ୍ସରେ

15001/120/2627







**ପବିତ୍ର ବିଜୟା ଦଶମୀ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ , ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

( ବ୍ରଜମୋହନ ରାମ )

OIPR-15001/15001/2/26-27/0119

## ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି , କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା , କଞ୍ଚା ,ଲଙ୍କା , ଲୁଣ ,ଚିନି , ଲେମ୍ବୁ ରସ , ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ , ଅଦା , କଞ୍ଚା ଲଙ୍କା, ଲୁଣ ଚିନି , ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ , ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା , କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



**ଖବର**

## ଶାନ୍ତି, ପବିତ୍ରତା, ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ମା' ମହାଗୌରୀ



ନବରାତ୍ରୀ ହେଉଛି ଆଦ୍ୟଶକ୍ତି ମା' ଦୁର୍ଗାଙ୍କ ଆରାଧନାର ପବିତ୍ର ପର୍ବ। ଏହି ନଅ ଦିନରେ ମା'ଙ୍କ ନଅଟି ସ୍ୱରୂପକୁ ପୂଜା କରାଯାଏ। ନବରାତ୍ରୀର ଅଷ୍ଟମ ଦିନରେ ମା' ଦୁର୍ଗାଙ୍କ ଅଷ୍ଟମ ସ୍ୱରୂପ ମା' ମହାଗୌରୀଙ୍କ ଆରାଧନା କରାଯାଏ। ଏହି ଦିନ ଭକ୍ତମାନେ ମା'ଙ୍କ ପୂଜାର୍ଚ୍ଚନା କରି ପରିବାରର ସୁଖ, ଶାନ୍ତି ଓ ମଙ୍ଗଳ କାମନା କରନ୍ତି।ମା' ମହାଗୌରୀଙ୍କୁ ପବିତ୍ରତା, ଶାନ୍ତି ଓ ସୌନ୍ଦର୍ଯ୍ୟର ପ୍ରତୀକ ଭାବେ ବିବେଚନା କରାଯାଏ। ତାଙ୍କ ଶରୀରର ବର୍ଣ୍ଣ ହିମ ପରି ଶୁଭ୍ର ଏବଂ ସେ ଶ୍ୱେତ ବସ୍ତ୍ର ପରିଧାନ କରିଥାନ୍ତି। ମା'ଙ୍କୁ ବୃଷଭବାହିନୀ ବୋଲି ମଧ୍ୟ କୁହାଯାଏ। ତାଙ୍କର ଚାରିଟି ଭୁଜା ରହିଛି। ଗୋଟିଏ ହାତରେ ତ୍ରିଶୂଳ, ଅନ୍ୟ ହାତରେ ଡମ୍ବରୁ ଏବଂ ଅନ୍ୟ ଦୁଇ ହାତରେ ଅଭୟ ଓ ବରମୁଦ୍ରା ଶୋଭା ପାଏ।ପୌରାଣିକ ମାନ୍ୟତା ଅନୁସାରେ, ମା' ପାର୍ବତୀ ଭଗବାନ ଶିବଙ୍କୁ ପାଇବା ପାଇଁ ଦୀର୍ଘ ସମୟ ଧରି କଠୋର ତପସ୍ୟା କରିଥିଲେ। ଏହି ତପସ୍ୟା ଯୋଗୁଁ ତାଙ୍କ ଶରୀରର ବର୍ଣ୍ଣ କଳା ପଡ଼ିଯାଇଥିଲା। ପରେ ଭଗବାନ ଶିବଙ୍କ କୃପାରୁ ସେ ଉଜ୍ଜ୍ୱଳ ଓ ସୌନ୍ଦର୍ଯ୍ୟ ବର୍ଣ୍ଣ ପ୍ରାପ୍ତ କରିଥିଲେ। ଏହି ଦିବ୍ୟ ସ୍ୱରୂପ ଯୋଗୁଁ ସେ ମା' ମହାଗୌରୀ ନାମରେ ପରିଚିତ ହେଲେ। ଧାର୍ମିକ ବିଶ୍ୱାସ ଅନୁସାରେ, ଅଷ୍ଟମୀ ତିଥିରେ ମା' ମହାଗୌରୀଙ୍କୁ ଭକ୍ତିର ସହ ପୂଜା କଲେ ଜୀବନରୁ ଦୁଃଖ, ଦୁର୍ଦ୍ଦଶା ଓ ନକାରାତ୍ମକତା ଦୂର ହୁଏ। ମା' ଭକ୍ତଙ୍କୁ ସୁଖ, ସମୃଦ୍ଧି ଓ ମାନସିକ ଶାନ୍ତି ପ୍ରଦାନ କରନ୍ତି ବୋଲି ବିଶ୍ୱାସ ରହିଛି। ଏହି ଦିନ ଭକ୍ତମାନେ ମା'ଙ୍କ ନିକଟରେ ନିଜ ପରିବାରର ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତି।ନବରାତ୍ରୀର ଅଷ୍ଟମୀ ଦିନରେ କନ୍ୟା ପୂଜନର ବିଶେଷ ମହତ୍ତ୍ୱ ରହିଛି। ଏହି ପରମ୍ପରାରେ ଛୋଟ ଝିଅମାନଙ୍କୁ ଦେବୀଙ୍କ ସ୍ୱରୂପ ଭାବେ ପୂଜା କରାଯାଏ। ସେମାନଙ୍କୁ ଭୋଜନ କରାଇବା ସହ ଶ୍ରଦ୍ଧାର ସହ ଉପହାର ଓ ଦକ୍ଷିଣା ପ୍ରଦାନ କରାଯାଏ। ଏହା ନାରୀଶକ୍ତି ପ୍ରତି ସମ୍ମାନ, ଭକ୍ତି ଓ ଶ୍ରଦ୍ଧାର ପ୍ରତୀକ। ନବରାତ୍ରୀର ଅଷ୍ଟମ ଦିନ ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଚେତନାର ଏକ ପବିତ୍ର ଅବସର। ଏହି ଦିନ ମା' ମହାଗୌରୀଙ୍କ ଆରାଧନା ମାଧ୍ୟମରେ ଭକ୍ତମାନେ ଜୀବନରେ ଶାନ୍ତି, ପବିତ୍ରତା ଓ ସକାରାତ୍ମକତାର କାମନା କରନ୍ତି। ମା'ଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ସୁଖମୟ ହେଉ, ଏହା ହିଁ ଏହି ପବିତ୍ର ପର୍ବର ମୁଖ୍ୟ ବାର୍ତ୍ତା।

## ଆଲମଣ୍ଡ ଖାଇଲେ ହୃତପିଣ୍ଡ ସୁସ୍ଥ ହୁଏ



ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ। ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ। ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନନ୍ଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ। ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ନ୍ତସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି। ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ ଦୈନଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ। ପରିପୂର୍ଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ।

## କଳିଯୁଗ ଆରମ୍ଭ ବେଳେ ବିଚିତ୍ର ସ୍ଥିତ



ଦେବଲୋକରେ ଆଲୋଚନା ହେଲା, ସୃଷ୍ଟିର ନିର୍ମାଣ ତ' ସରିଗଲା ଏବେ ସୃଷ୍ଟି ହୋଇଥିବା ଜୀବଙ୍କ ବିନାଶ କିପରି ସମ୍ଭବ ହେବ । କୋଟି କୋଟି ପ୍ରକାରର ଜୀବଜନ୍ତୁ, ବୃକ୍ଷ-ବନସ୍ପତି, ଭୂମି, ପର୍ବତ, ନଦୀ, ପୁଷ୍କରିଣୀ, ଗ୍ରହ-ନକ୍ଷତ୍ର, ତାରା ଏବଂ ଜ୍ଞାତଅଜ୍ଞାତ ବସ୍ତୁର ନିର୍ମାଣ ଶେଷ ହୋଇସାରିଛି। ତେବେ ଏସବୁର ବିନାଶ କିପରି ହେବ ? ବିନାଶ ନହେଲେ ନବନିର୍ମାଣ ହେବା ସମ୍ଭବପର ନୁହେଁ । ତେବେ କୌଣସି ଶକ୍ତି ବିନାଶର ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲେ । ଶେଷରେ କାଳଙ୍କୁ ଏହାର ଉପାୟ ବାହାର କରିବାକୁ କୁହାଗଲା । କାଳ ଶେଷରେ ପାପକୁ ଏହି ଦାୟିତ୍ୱ ଦେଲେ । ଚାରିଟି ଯୁଗ ମଧ୍ୟରୁ ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗ ପାପକୁ ପ୍ରଶୟ ଦେବାକୁ ମନା କରି ଦେଲେ । କିନ୍ତୁ କଳିଯୁଗ ଏଥିପାଇଁ ଉତ୍ସୁକତା ପ୍ରକାଶ କଲା । ଏହାର ପ୍ରୟୋଗ କରିବା ଲାଗି କଳିଯୁଗ ପାପକୁ ଦୁଇ ବନ୍ଧୁଙ୍କ ଘର ଦେଖାଇଲା । ପୃଥିବୀରେ ରହୁଥିବା ଏହି ଦୁଇ ବନ୍ଧୁଙ୍କ ଘରେ ଅନ୍ନର ଅଭାବ ରହିଥିଲା । ଅନେକ ଦିନ ହେବ ଏମାନଙ୍କ ସନ୍ତାନମାନେ ଭୋକରେ ରହୁଥିଲେ । ସେଥିପାଇଁ ଦୁଇ ବନ୍ଧୁ ଶିକାର ନିମନ୍ତେ ଜଙ୍ଗଲକୁ ଗଲେ । ରାତିରେ ଏକ ଶିକାର ସେମାନଙ୍କୁ ମିଳିଗଲା । ମୃତ ଜୀବ ପାଖରେ ଏକ ମୁଦ୍ରା ପଡ଼ିଥିଲା । ଶିକାର ଏବଂ ମୁଦ୍ରା ପ୍ରାପ୍ତ କରି ଦୁଇ ବନ୍ଧୁଙ୍କ ଚେହେରା ଚମକି ଉଠିଲା । ଜଣେ କହିଲା, ଏହି ମୁଦ୍ରାରେ ବଜାରରୁ କିଛି ଖାଇବା ନେଇ ଆସ, ଯଦ୍ୱାରା ଆମର ଭୋକ ଦୂର ହୋଇପାରିବ । ଜଣେ ବଜାର ଚାଲିଗଲା ଓ ଅନ୍ୟ ଜଣେ ଜଙ୍ଗଲରେ ଗଛ ତଳେ ପଡ଼ିଥିବା ଶିକାର ନିକଟରେ ବସିଗଲା । ପ୍ରଥମ ବନ୍ଧୁ ବଜାରରୁ ଲଡୁ କିଣିଲା । ତତ୍କ୍ଷଣାତ୍ ସେ ଭାବିଲା, ଯଦି ମୁଁ ମୋ ସାଙ୍ଗକୁ ମାରି ଦିଏ, ଶିକାର ଏବଂ ମୁଦ୍ରା ମୋର ହୋଇଯିବ । ଏହା ଭାବି ସେ ଲଡୁରେ ବିଷ ମିଶାଇ ଦେଲା । ଦ୍ୱିତୀୟ ସାଙ୍ଗ ଭାବିଲା, ବଜାରରୁ ଆସୁଥିବା ସାଙ୍ଗକୁ ହତ୍ୟା କଲେ କିପରି ହେବ । ଏହାପରେ ସବୁକିଛି ମୋର ହୋଇଯିବ । ସେ ନିଜ ବନ୍ଧୁକୁ ଆସୁଥିବା ଦେଖି ତୀର ଚଳାଇଲା । ବନ୍ଧୁ ସେଇଠି ମରିଗଲା । ବନ୍ଧୁ ମରିଯିବା ପରେ ସେ ଲଡୁ ଖାଇବାକୁ ଆରମ୍ଭ କରିବା ମାତ୍ରେ ସେଇଠି ହିଁ ମୃତ୍ୟୁବରଣ କଲା । ଏହିପରି କଳିଯୁଗର ଆରମ୍ଭ ପୃଥିବୀରେ ହୋଇଗଲା ।

## ଖୁବ ସ୍ୱତନ୍ତ୍ର ବାବା ଝାଡେଶ୍ୱରଙ୍କ ମହିମା, ଜାଣନ୍ତୁ ଏହାର ଇତିହାସ



ବାବା ଝାଡେଶ୍ୱର । ଦେବଗଡ ସହରବାସୀଙ୍କ ଆରାଧ୍ୟ ଠାକୁର ।ଇତିହାସରୁ ମିଳିଥିବା ତଥ୍ୟ ଅନୁସାରେ ବାମଣ୍ଡାର ଦଶମ ରାଜା ରାମଚନ୍ଦ୍ର ଦେବ ଏକଦା ଶିକାର ଉଦ୍ଦେଶ୍ୟରେ ଆମ୍ବୁଲପାଣି ଜଙ୍ଗଲକୁ ଯାଇଥିଲେ । ଶିକାର କରିବା ଉଦ୍ଦେଶ୍ୟରେ ବୁଲିଲା ବେଳେ ଦେଖିଲେ ଗୋଟିଏ ମାଳତୀଲତା ମୂଳରେ ଧବଳ ଡିମ୍ବାକୃତି ଶିଳାର ମସ୍ତକରେ ଏକ ନାଗସାପ ଫେଣା ଟେକି ରହିଛି । ସାପକୁ ରାଜା ବନ୍ଧୁକ ଉଠାଇ ଗୁଳି କରିଥିଲେ ।କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇ ଗୁଳି ପଥରରେ ବାଜିବାରୁ ବୋହି ଚାଲିଲା ରକ୍ତଧାର । ଏହା ଦେଖି ରାଜା ଭୟଭୀତ ହୋଇପଡିଲେ। ଜାଣିଲେ ରକ୍ତ ବୋହୁଥିବା ପଥର ହିଁ ଶିବଲିଙ୍ଗ ।ସାଷ୍ଟାଙ୍ଗ ପ୍ରଣିପାତ ହେଲେ । ଦୋଷ ମାର୍ଜନା କରିବାକୁ ମହାଦେବଙ୍କୁ ପ୍ରାର୍ଥନା କଲେ। ଝାଡ଼ ମଧ୍ୟରୁ ଆର୍ବିଭାବ ହୋଇଥିବାରୁ ଝାଡେଶ୍ୱର ବାବା ନାମରେ ଝାଡ ମଧ୍ୟରେ ପୂଜାପାଇ ଆସୁଥିଲେ ମହାଦେବ ।ବାମଣ୍ଡାର ୨୪ତମ ରାଜା ବାଲୁଙ୍କା ବୃଷଭ ଦେବଙ୍କ ୫ ପୁତ୍ର ମଧ୍ୟରୁ ଦେବଦୁଲ୍ଲଭ ଦେବ ବାବା ଝାଡେଶ୍ୱରଙ୍କ ପାଇଁ ୧୮୫୪ରେ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଯାହା ଆଜି ମଧ୍ୟ ବିଦ୍ୟମାନ । ସମୟ କ୍ରମେ ମନ୍ଦିରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ବାବାଙ୍କ ମୁଖ୍ୟପର୍ବ ଶିବରାତ୍ରୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଧବଳେଶ୍ୱର ପୂଜା । ପ୍ରତିଦିନ ପ୍ରତ୍ୟୁଷରେ ମନ୍ଦିର ଖୋଲାଯାଇ ନୀତିକାନ୍ତି ସରିବା ପରେ ସକାଳ ସାଢେ ୬ଟାରେ ଭକ୍ତମାନେ ବାବାଙ୍କୁ ଦର୍ଶନ ପାଇଁ ସୁଯୋଗ ପାଇଥାନ୍ତି ।ଭକ୍ତଙ୍କ ମନସ୍କାମନା ବାବା ପୂର୍ଣ୍ଣ କରୁଥିବା ଭକ୍ତଙ୍କ ରହିଛି ବିଶ୍ୱାସ । ଏହି ଐତିହ୍ୟ ଭରା ଦେବଦୁର୍ଗ ଝାଡେଶ୍ୱର ବାବାଙ୍କ ନିକଟରେ ପହଞ୍ଚିବାକୁ ହେଲେ ଦେବଗଡ ସହର ଠାରୁ ୪ କିଲୋମିଟର ଯିବାକୁ ପଡିବ । ଟ୍ରେନରେ ଆସିଲେ ସମ୍ବଲପୁରରୁ ୯୦ କିଲୋମିଟର, ଝାରସୁଗୁଡ଼ାରୁ ୧୦୦ କିଲୋମିଟର ଓ ରାଉରକେଲାରୁ ୧୩୦ କିଲୋମିଟର ଦୂରରେ ରହିଛି ବାବାଙ୍କ ପୀଠ।

## ସିନ୍ଦୁର ସହ ଜଡିତ କିଛି ବିଶେଷ ଉପାୟ

ବାସ୍ତୁରେ ସିନ୍ଦୂରର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ସଧବା ସ୍ତ୍ରୀର ମୁଖ୍ୟ ଶୃଙ୍ଗାର ହେଉଛି ସିନ୍ଦୂର। ଶାସ୍ତ୍ରରେ ମଧ୍ୟ ବର୍ଣ୍ଣନା କରାଯାଇଛି ସିନ୍ଦୂର ପିନ୍ଧିବା ଦ୍ୱାରା ସ୍ୱାମୀ ଦୀର୍ଘାୟୁ ହୋଇଥାଆନ୍ତି। ବିଭିନ୍ନ ପ୍ରକାର



ରୋଗରୁ ଦୂରେଇ ରହିଥାଆନ୍ତି। ଜାଣନ୍ତୁ ସିନ୍ଦୂର ସହ ଜଡିତ କିଛି ସହଜ ଉପାୟ ବିଷୟରେ

ପ୍ରତ୍ୟେକ ଦିନ ସୂର୍ଯ୍ୟଦେବତାଙ୍କୁ ଜଳ ଅର୍ପଣ କରିବା ସମୟରେ ସେଥିରେ ସିନ୍ଦୂର ପକାଇ ଅର୍ପଣ କରନ୍ତୁ।

ଗୃହର ମୁଖ୍ୟଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତିର ବାତାବରଣ ସର୍ବଦା ରହିଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହେଉଥିଲେ ଏହି ଉପାୟ ନିଶ୍ଚୟ ଆପଣାନ୍ତୁ।

ଏହାସହ ତେଲରେ ସିନ୍ଦୂର ମିଶାଇ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିନଥାଏ। ଏପରି ଲଗାତାର ୪୦ ଦିନ କରିବା ଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ମଧ୍ୟ ଦୂର ହୋଇଥାଏ।

ହିନ୍ଦୁଧର୍ମ ଅନୁଯାୟୀ ସିନ୍ଦୂର ବିନା ଦେବାଦେବୀଙ୍କ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ।

ଧନସମ୍ପତ୍ତି ଜନିତ ସମସ୍ୟାର ସମାଧାନ ପାଇଁ ମଲ୍ଲୀଫୁଲର ତେଲରେ ସିନ୍ଦୂର ମିଶାଇ ୫ଟି ମଙ୍ଗଳବାର ଓ ଶନିବାର ପ୍ରଭୁ ହନୁମାନଙ୍କୁ ଅର୍ପଣ କରନ୍ତୁ। ଏହାଦ୍ୱାରା କର୍ମକ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥାଏ। ମନସ୍କାମନା ପୂରଣ ହୋଇଥାଏ।

ଘରର ମୁଖ୍ୟଦ୍ୱାରରେ ସିନ୍ଦୂର ଅର୍ପଣ ହୋଇଥିବା ପ୍ରଭୁ ଗଣେଶଙ୍କ ମୂର୍ତ୍ତି ରଖିବା ଦ୍ୱାରା ଘରେ ସର୍ବଦା ସୁଖଶାନ୍ତି, ସମୃଦ୍ଧି ବୃଦ୍ଧି ପାଇଥାଏ।

ସଧବା ମହିଳାମାନେ ସ୍ନାନ ପରେ ମା'ଗୌରୀଙ୍କୁ ସିନ୍ଦୂର ଅର୍ପଣ କରିବା ସହ କିଛି ସିନ୍ଦୂର ମଥାରେ ଲଗାଇବା ଦ୍ୱାରା ବୈବାହିକ ଜୀବନ ସୁଖଶାନ୍ତିରେ ବିତିଥାଏ।

## ନିର୍ଭୟା ପଦକ୍ଷେପରେ ସମ୍ବଲପୁରରେ ମହିଳା ସୁରକ୍ଷାକୁ ମିଳିବ ନୂଆ ଦିଗ

**ଭୁବନେଶ୍ୱର, ୧୮।୧୦ (ମହାଭାରତ):** ମହିଳା ଓ ବାଳିକାଙ୍କ ପାଇଁ ସୁରକ୍ଷିତ, ସମାବେଶୀ ଓ ଭୟମୁକ୍ତ ସହର ଗଠନ ଲକ୍ଷ୍ୟରେ ନିର୍ଭୟା ପଦକ୍ଷେପ ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ପାଇଁ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରସ୍ତାବିତ ଯୋଜନାଗୁଡ଼ିକର ରୂପରେଖ ଉପସ୍ଥାପନ କରିଥିଲେ। ଏହି ପଦକ୍ଷେପ ଅଧୀନରେ ମୋଟ ୧୦ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ନଅଟି ପ୍ରମୁଖ ଉଦ୍ୟମ ପ୍ରସ୍ତାବିତ ହୋଇଛି। ଏଥିରେ ମହିଳା ପୋଲିସଙ୍କ ଦ୍ୱାରା ତ୍ୱରିତ ସହାୟତା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା,



ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ, ନିରାପଦ ଯାତାୟାତ, ମହିଳା ଅନୁକୂଳ ସାର୍ବଜନୀନ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। 'ଶକ୍ତି ସାରଥୀ' ଅଧୀନରେ ୧୫ଟି ଦୁଇଚକିଆ ଯାନ ମାଧ୍ୟମରେ ମହିଳା ପୋଲିସ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ ଓ ତ୍ୱରିତ ସହାୟତା ପ୍ରଦାନ ପ୍ରସ୍ତାବ ରହିଛି। 'ପ୍ରତିକ୍ରିୟା' ଯୋଜନାରେ ୧୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଓ ଡ୍ରୋନ୍ ବ୍ୟବହାର ମାଧ୍ୟମରେ ମହିଳାଙ୍କୁ ଆବଶ୍ୟକ ସହାୟତା ଓ ଉଦ୍ଧାର ସେବା ଯୋଗାଇବାର ଯୋଜନା ରହିଛି। 'ଦୃଷ୍ଟି' ଅଧୀନରେ ୨୧୦ଟି ସ୍ଥାନରେ ୮୦୦ଟି ସିସିଟିଭି କ୍ୟାମେରା ସ୍ଥାପନ କରି ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରସ୍ତାବ ରହିଛି। ସେହିପରି 'ଏସ୍-ଷ୍ଟପ୍' ଅଧୀନରେ ପାଞ୍ଚଟି ପୋଲିସ ସହାୟତା କେନ୍ଦ୍ର ସ୍ଥାପନ କରାଯିବାର ଯୋଜନା ରହିଛି।

ମହିଳାଙ୍କ ପାଇଁ ନିରାପଦ ଓ ସୁଲଭ ଯାତାୟାତ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ସହଯାତ୍ରା' ଅଧୀନରେ ୪୦ଟି ଗୋଲାପୀ ଇ-ରିକ୍ସା ପରିଚାଳନା ପ୍ରସ୍ତାବିତ ହୋଇଛି। 'ନିର୍ଭୟା ସଦନ' ଯୋଜନାରେ ଜିଲ୍ଲା ଅଦାଲତ ପରିସର, ରେଳ ଷ୍ଟେସନ, ବୁର୍ଲା ଚିକିତ୍ସା ଅଞ୍ଚଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାରିଟି ସହାୟତା କେନ୍ଦ୍ର ସ୍ଥାପନ ପ୍ରସ୍ତାବ ରହିଛି। 'ସାଥୀ' ଅଧୀନରେ ଛଅଟି ଶୌଚାଳୟ ଓ ନର୍ସିଂ ସୁବିଧା ସ୍ଥାପନ ସହ 'ଯାତ୍ରା' ଅଧୀନରେ ୫୦ଟି ଶିକ୍ଷାନୁଷ୍ଠାନର ବସ୍ ପାଇଁ ବାସ୍ତବ ସମୟ ଟ୍ରାକିଂ ବ୍ୟବସ୍ଥା ବିକାଶ କରିବାର ପ୍ରସ୍ତାବ ରହିଛି। ଏହା ସହିତ 'ସଚେତନା' ଅଧୀନରେ ମହିଳା ସୁରକ୍ଷା ସମ୍ପର୍କିତ ସଚେତନତା, ଆତ୍ମରକ୍ଷା ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ଶିକ୍ଷା ଓ ଗୋଷ୍ଠୀ ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅଭିଯାନରେ କିଶୋର ବାଳକମାନଙ୍କୁ ମଧ୍ୟ ସାମିଲ କରି ମହିଳାଙ୍କ ପ୍ରତି ସମ୍ମାନଜନକ ଆଚରଣ, ଲିଙ୍ଗଗତ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିବାକୁ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଥିଲେ। ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ନିମନ୍ତେ ପୋଲିସ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଡା. ଏନ୍. ତିରୁମାଲା ନାଏକ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ମୁକ୍ତ ବାଣିଜ୍ୟ ଚୁକ୍ତି ଶୀର୍ଷକ କର୍ମଶାଳା

**ଭୁବନେଶ୍ୱର, ୧୮।୧୦ (ମହାଭାରତ):** ଓଡ଼ିଶାର ବ୍ୟବସାୟ ଓ ରପ୍ତାନି କ୍ଷେତ୍ରକୁ ବିଶ୍ୱ ବଜାରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ "ମୁକ୍ତ ବାଣିଜ୍ୟ ଚୁକ୍ତି ସୁଯୋଗର ସଦୁପଯୋଗ" ଶୀର୍ଷକ ରାଜ୍ୟ ସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ କହିଛନ୍ତି ବିଶ୍ୱ ବଜାର ହେଉଛି ସମୃଦ୍ଧିର ନୂଆ ଦିଗନ୍ତ । ଓଡ଼ିଶାର ସ୍ଥାନୀୟ ଉଦ୍ୟୋଗୀ, ରପ୍ତାନିକାରୀ ଏବଂ ବ୍ୟବସାୟୀମାନଙ୍କୁ ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ଦେଶ ସହିତ ସ୍ୱାକ୍ଷରିତ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସଚେତନ କରାଇବା ଏବଂ ବିଶ୍ୱ ବଜାରରେ ମିଳୁଥିବା ସୁଯୋଗଗୁଡ଼ିକର କିଭଳି ସର୍ବାଧିକ ଲାଭ ଉଠାଯାଇପାରିବ, ସେହି ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳା ଆୟୋଜନ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଓଡ଼ିଶାର ରପ୍ତାନି କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ଭାଗିଦାରୀ ବଢ଼ାଇବାକୁ ନିଜ ବକ୍ତବ୍ୟରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ସ୍ଥାନୀୟ ବ୍ୟବସାୟକୁ ବିଶ୍ୱ ସ୍ତରକୁ ଆଗେଇ ନେବା ଦିଗରେ ଏହି କର୍ମଶାଳା ଏକ ମାଇଲଖୁଂଟ ଭାବେ ସାବ୍ୟସ୍ତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଓଡ଼ିଶା ପାଇଁ ବିଶ୍ୱ ବଜାରର ସୁଯୋଗରେ ରୂପାନ୍ତରିତ କରିବା ଆଭିମୁଖ୍ୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ବରିଷ୍ଠ ଅର୍ଥନୈତିକ ପରାମର୍ଶଦାତା ତଥା ଯୁଗ୍ମ ସଚିବ ଅଗ୍ରିମ କୌଶଳ, ଏମଏସଏମଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା, ଶିଳ୍ପ ନିର୍ଦ୍ଦେଶକ ଅବୋଲି ସୁନିଲ ନରୱଣେ, ବୈଦେଶିକ ବାଣିଜ୍ୟର ସହକାରୀ ମହାନିର୍ଦ୍ଦେଶକ ମନୋଜ ସିଂ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶିଳ୍ପପତି ଏବଂ ବାଣିଜ୍ୟ ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗ ଏବଂ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ଏବଂ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ଆୟୋଜନ ହୋଇଥିଲା।

## ସମ୍ବଲପୁର ଓ ସାନ୍ତ୍ରାଗାଛି ସ୍ୱତନ୍ତ୍ର ପୂଜା ଟ୍ରେନ

**ଭୁବନେଶ୍ୱର, ୧୮।୧୦ (ମହାଭାରତ):** ଆଗାମୀ ଦୁର୍ଗା ପୂଜା ଓ ଦୀପାବଳି ଉତ୍ସବ ସମୟରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ, ଯାତ୍ରୀଙ୍କ ସୁବିଧାଜନକ ଯାତ୍ରା ଏବଂ ଅତିରିକ୍ତ ଭିଡ଼ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଅତିରିକ୍ତ ସ୍ୱତନ୍ତ୍ର ପୂଜା ଟ୍ରେନ୍ ଚଳାଚଳ କରାଯିବ।

ଟ୍ରେନ୍ ନଂ ୦୮୩୦୩ ସମ୍ବଲପୁର - ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍ ୧୪ ଅକ୍ଟୋବରରୁ ୨୧ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଅପରାହ୍ଣ ୪:୧୫ ରେ ସମ୍ବଲପୁରରୁ ଛାଡ଼ିବ ଏବଂ ପରଦିନ ଭୋର ୨:୦୦ ଟାରେ ସାନ୍ତ୍ରାଗାଛିରେ ପହଂଚିବ।ଫେରନ୍ତା ଯାତ୍ରାରେ, ଟ୍ରେନ୍ ନଂ ୦୮୩୦୪ ସାନ୍ତ୍ରାଗାଛି - ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ୧୫ ଅକ୍ଟୋବରରୁ ୨୨ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ସନ୍ଧ୍ୟା ୭:୦୫ ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶୁକ୍ରବାର ସକାଳ ୭:୪୫ ରେ ସମ୍ବଲପୁରରେ ପହଂଚବ।

ଏହି ଟ୍ରେନ୍‌ଗୁଡ଼ିକ ରାସ୍ତାରେ ବିଭିନ୍ନ ଷ୍ଟେସନରେ ରହଣି କରିବ, ଯେଉଁଥିରେ ରେଙ୍ଗାଲି, ଝାରସୁଗୁଡ଼ା ଜଙ୍କସନ୍, ରାଜଗାଙ୍ଗପୁର, ରାଉରକେଲା, ଚକ୍ରଧରପୁର, ଟାଟାନଗର ଜଙ୍କସନ୍, ଖଡ଼ଗପୁର ଜଙ୍କସନ୍ ଏବଂ ଉଲୁବେରିଆ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ବାଗଡିହି, ବାମରା, ଗରପୋଷ, ବିଶ୍ରା, ମନୋହରପୁର, ରାଜଖରସୁଆଁ ଜଙ୍କସନ୍, ଝାଡ଼ଗ୍ରାମ, ପାନ୍ସକୁରା ଏବଂ ବାଗନାନ ଷ୍ଟେସନରେ ମଧ୍ୟ ଅତିରିକ୍ତ ରହଣି ବ୍ୟବସ୍ଥା କରାଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନରେ ମୋଟ ୨୧ଟି କୋଚ ରହିବ।

ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଂଚ କରିପାରିବେ ।

## ଦିଲ୍ଲୀ ଅଟମ୍ ଫେୟାରରେ 'ଓଡ଼ିଶା ମଣ୍ଡପ' ଉଦଘାଟିତ

**ଭୁବନେଶ୍ୱର, ୧୮।୧୦ (ମହାଭାରତ):** ନୂଆଦିଲ୍ଲୀ ଠାରେ ଅବସ୍ଥାପିତ ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଣ୍ଟର ଓ ମାର୍ଟରେ ଆରମ୍ଭ ହୋଇଛି ୬୨ତମ 'ଆଇଏଚଜିଏଫ୍ ଦିଲ୍ଲୀ ଅଟମ୍ ଫେୟାର'। ଏହି ଅନ୍ତର୍ଜାତୀୟ ସ୍ତରର ମେଳାରେ ବିଶେଷ ଆକର୍ଷଣ ସାଜିଛି 'ଓଡ଼ିଶା ମଣ୍ଡପ'। ମଙ୍ଗଳବାର ଦିନ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଓଡ଼ିଶା ମଣ୍ଡପକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ 'ଓଡ଼ିଶା ମଣ୍ଡପ' କୁ ବୁଲି ଦେଖିବା ସହ ଏଠାରେ ପ୍ରଦର୍ଶିତ ଅନନ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦର ପ୍ରଶଂସା କରିଛନ୍ତି। ''ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦର ବିଶେଷ ଚାହିଦା ରହିଛି। ତେଣୁ, ଏହାକୁ ଦେଶ ବିଦେଶର ବିଭିନ୍ନ ବ୍ୟବସାୟିକ ସଂସ୍ଥା, ଡିଜାଇନର ଓ ଗ୍ରାହକଙ୍କ ପାଖରେ ପହଞ୍ଚାଇବା ଲାଗି ଏହି ମେଳା ଏକ ପ୍ରମୁଖ ମାଧ୍ୟମ ହେବ। ଏହାସହ ଆମ ରାଜ୍ୟର ବୁଣାକାର ଓ କାରିଗରମାନଙ୍କୁ ଉପଯୁକ୍ତ ମୂଲ୍ୟ ମିଳିବା ସହ ସେମାନଙ୍କ ଜୀବିକା ସଶକ୍ତ ହେବ,'' ବୋଲି କହିଛନ୍ତି ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର।



ନୂଆଦିଲ୍ଲୀର ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଂଟର ଓ ମାର୍ଟଠାରେ ଅକ୍ଟୋବର ୧୩ ରୁ ୧୭ ତାରିଖ ଯାଏ ଚାଲିବ ଏହି ମେଳା। ଏଠାରେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଓଡ଼ିଶା ମଣ୍ଡପ' ରେ ରାଜ୍ୟର ଅନନ୍ୟ କଳାକୃତି ଓ ବୟନ ଐତିହ୍ୟକୁ ପ୍ରଦର୍ଶନ କରାଯାଉଛି। ଓଡ଼ିଶାର ବିଶେଷ ପରିଚୟ ବହନ କରୁଥିବା ପଟ୍ଟଚିତ୍ର, ଟେରାକୋଟା, ପଥର ଖୋଦେଇ ସାମଗ୍ରୀ, ପିପିଲି ଚାନ୍ଦୁଆ, ଶାମୁକା କାରୁକାର୍ଯ୍ୟ, ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ଏବଂ ଢୋକ୍ରା କାରିଗରି ଆଦି ଏହି ମେଳାରେ ବିଶେଷ ଆକର୍ଷଣ ପାଲଟିଛି। ସେହିପରି ସମ୍ବଲପୁରୀ ବସ୍ତ୍ର, ଓଡ଼ିଶା ଇକତ୍, ବମକାଇ ଶାଢ଼ି, ଖଣ୍ଡୁଆ ପାଟ, କୋଟପାଡ଼ ଶାଢ଼ି, ଗୋପାଳପୁର ଟସର ଶାଢ଼ି ଏବଂ ହବସପୁରୀ ଶାଢ଼ି ସହ କରୁଣା ରେଶମ ରୁ ପ୍ରସ୍ତୁତ ଶାଢ଼ି ଏହି ମେଳାରେ ପ୍ରଦର୍ଶିତ ହେଉଛି। ଏହାସହ ହସ୍ତତନ୍ତରୁ ପ୍ରସ୍ତୁତ ଲାପଟପ୍ ବ୍ୟାଗ, ବେଡସିଟ୍, ଜ୍ୟାକେଟ୍, ଫାଇଲ୍, ପର୍ସ ସହିତ ଅନ୍ୟାନ୍ୟ ଘରସଜା ସାମଗ୍ରୀ ଏଠାରେ ଆକର୍ଷଣ ପାଲଟିଛି। ବିଭିନ୍ନ ପ୍ରକାର ରେଶମ ସୂତା ପ୍ରସ୍ତୁତିର ଲାଇଭ୍ ଡେମୋନଷ୍ଟ୍ରେସନ ମଧ୍ୟ ଏଠାରେ କରାଯାଉଛି। ଏହିସବୁ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ସୂକ୍ଷ୍ମ କାରୁକାର୍ଯ୍ୟ, ପାରମ୍ପରିକ ଡିଜାଇନ୍ ଓ ନିଖୁଣ କାରିଗରି ଦେଶ ବିଦେଶର ଦର୍ଶକ ଓ ବ୍ୟବସାୟୀଙ୍କୁ ବେଶ୍ ଆକର୍ଷିତ କରୁଛି। ସେମାନେ ଉତ୍ପାଦ ସବୁକୁ ଦେଖିବା ସହ ଉପସ୍ଥିତ ବୁଣାକାର ଓ କାରିଗରଙ୍କୁ ଅଗ୍ରିମ ଅର୍ଡର ମଧ୍ୟ ଦେଇଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରେ ଅବସ୍ଥାପିତ ଅତିରିକ୍ତ ଆବାସିକ ଆୟୁକ୍ତ ଶ୍ରୀମତୀ ସୁଚରିତା ଷଡ଼ଙ୍ଗୀ, ଅତିରିକ୍ତ ନିର୍ଦ୍ଦେଶକ ସେରିକଲଚର ତଥା ରେଶମ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଇଣ୍ଡିଆ ଏକ୍ସପୋ ସେଣ୍ଟର ଓ ମାର୍ଟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଶ୍ରୀ ସୁଦୀପ ସମରେନ୍ଦ୍ର ସରକାର, 'ଫିକି'ର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ବ୍ରଜ କିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଉପ-ମୁଖ୍ୟମନ୍ତ୍ରୀଙ୍କୁ ୱିଣ୍ଡ ଇଣ୍ଡିଆ ପୁରସ୍କାର ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ୧୮।୧୦ (ମହାଭାରତ):** ଓଡ଼ିଶାର ସ୍ୱଚ୍ଛ ଶକ୍ତି ଅଭିଯାନ ଓ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ବିପୁଳ ସଫଳତା ସ୍ୱରୂପ ରାଜ୍ୟକୁ 'ୱିଣ୍ଡର୍ଜି ଇଣ୍ଡିଆ ୨୦୨୬' ସମ୍ମିଳନୀରେ ସମ୍ମାନଜନକ "ୱିଣ୍ଡ ଇଣ୍ଡିଆ ୨୦୨୬: ଲିଡରସିପ୍ ଇନ୍ ୱିଣ୍ଡ ଏନର୍ଜି ଡି-ରିସ୍କିଂ" ପୁରସ୍କାରରେ ସମ୍ମାନିତ କରାଯାଇଛି। ଚେନ୍ନାଇରେ ଆୟୋଜିତ ୱିଣ୍ଡର୍ଜି ଇଣ୍ଡିଆ ୨୦୨୬ ସମ୍ମିଳନୀରେ ଗତ ୮ ତାରିଖରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଏହି ସମ୍ମାନଜନକ ପୁରସ୍କାର ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ପ୍ରଦାନ



ଉତ୍ସବରେ ଓପିଟିସିଏଲର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡକୋର ମ୍ୟାନେଜିଂ ଡାଇରେକ୍ଟର ଡଃ ସତ୍ୟପ୍ରିୟ ରଥ ଏବଂ ଶକ୍ତି ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଡଃ ସତ୍ୟପ୍ରିୟ ରଥ, କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କଠାରୁ ବିଶିଷ୍ଟ ଶିଳ୍ପପତି ଓ ସରକାରୀ ପଦାଧିକାରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଉପ-ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସମେତ ସମ୍ପୂର୍ଣ୍ଣ ବିଭାଗକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସମ୍ମାନ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ଅଧୀନରେ ରାଜ୍ୟରେ ସ୍ୱଚ୍ଛ ଶକ୍ତି ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଏବଂ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ଓ ନିରବଚ୍ଛିନ୍ନ ପ୍ରଚେଷ୍ଟାର ପ୍ରତିଫଳନ। ଆଗକୁ ଓଡ଼ିଶା ଅକ୍ଷୟ ଶକ୍ତିର ଅଗ୍ରଗତି ପାଇଁ ବହୁତ ଯୋଜନା ରହିଛି। ୱିଣ୍ଡର୍ଜି ଇଣ୍ଡିଆ ୨୦୨୬ ଅବସରରେ ଓଡ଼ିଶାର ପବନ ଶକ୍ତିର ବିପୁଳ ସମ୍ଭାବନାକୁ ବିଶ୍ୱ ଓ ଦେଶର ନିବେଶକମାନଙ୍କ ଆଗରେ ଉପସ୍ଥାପନ କରିବା ପାଇଁ "ଓଡ଼ିଶା: ଇଣ୍ଡିଆଜ୍ ନେକ୍ସଟ୍ ୱିଣ୍ଡ ଡେଷ୍ଟିନେସନ୍" ଶୀର୍ଷକ ଏକ ସ୍ୱତନ୍ତ୍ର ରାଜ୍ୟ ଅଧିବେଶନ ଆୟୋଜିତ ହୋଇଥିଲା।

## ଚକ୍ଷୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା

**ଭୁବନେଶ୍ୱର, ୧୮।୧୦ (ମହାଭାରତ):** ଦୀର୍ଘ ସମୟ ଧରି ମୋବାଇଲ୍ କିମ୍ବା କମ୍ପ୍ୟୁଟର୍ ସ୍କ୍ରିନ୍ ସଂସ୍ପର୍ଶରେ ରହିବା, ଆଖିର ପର୍ଯ୍ୟାପ୍ତ ଯତ୍ନ ନନେବା ଏବଂ ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଚକ୍ଷୁ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଇପାରେ। ଏହି ସମସ୍ୟାଗୁଡ଼ିକର ଚିହ୍ନଟ କିମ୍ବା ଚିକିତ୍ସା କରା ନ ଯାଏ, ତେବେ ଏହା ଗୁରୁତର ଦୃଷ୍ଟିହାନୀ କିମ୍ବା ଅନ୍ଧତ୍ୱର କାରଣ ହୋଇପାରେ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ତଥାପି, ସମୟୋଚିତ ଚିକିତ୍ସା ମାଧ୍ୟମରେ ଅନେକ କ୍ଷେତ୍ରରେ ଦୃଷ୍ଟିଶକ୍ତି ହରାଇବାକୁ ରୋକାଯାଇପାରିବ, ଏହାର ଫଳପ୍ରଦ ପରିଚାଳନା କରାଯାଇପାରିବ କିମ୍ବା ଚିକିତ୍ସା କରାଯାଇପାରିବ ବୋଲି ଡାକ୍ତର ବିଶ୍ୱାସ ସୂଚନା ଦେଇଛନ୍ତି।

ଚକ୍ଷୁ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିବା ଏବଂ ସମସ୍ତଙ୍କ ପାଇଁ ଉନ୍ନତମାନର ଚକ୍ଷୁ ଚିକିତ୍ସା ସେବା ଉପଲବ୍ଧ କରାଇବା ଲକ୍ଷ୍ୟରେ, ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗ ପକ୍ଷରୁ 'ବିଶ୍ୱ ଦୃଷ୍ଟି ଦିବସ' ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ 'ୱାକାଥନ୍'ର ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଚକ୍ଷୁ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୀର୍ଘ ସ୍କ୍ରିନ୍ ବ୍ୟବହାର ସମୟରେ ସମୟସାପେକ୍ଷ ବିରତି ନେବା, ନିୟମିତ ଚକ୍ଷୁ ପରୀକ୍ଷା କରିବା ଏବଂ ଦୃଷ୍ଟି ସମ୍ବନ୍ଧୀୟ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବାକୁ ଉତ୍ସାହିତ କରିଥିଲେ ଡ. ବିଶ୍ୱାସ। ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗ ପକ୍ଷରୁ ପ୍ରତିଦିନ ପ୍ରାୟ ଅଢ଼େଇଶହରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରାଯାଇଥାଏ। ମାସିକ ପ୍ରାୟ ପାଞ୍ଚ ହଜାରରୁ ଛଅ ହଜାର ରୋଗୀ ଏଠାକୁ ଚକ୍ଷୁ ଚିକିତ୍ସା ଏବଂ ପରାମର୍ଶ ନିମନ୍ତେ ଆସିଥାନ୍ତି। ସାଧାରଣତଃ ଆଜିକାଲି ଦେଖାଯାଉଥିବା ଚକ୍ଷୁ ସମସ୍ୟାଗୁଡ଼ିକ ମଧ୍ୟରେ ରିଫ୍ରାକ୍ଟିଭ୍ ଏରର୍ (ଦୃଷ୍ଟିଶକ୍ତି ଜନିତ ତ୍ରୁଟି), ମୋତିଆବିନ୍ଦୁ, ଡାଇବେଟିକ୍ ରେଟିନୋପାଥି, ଗ୍ଲୁକୋମା ଏବଂ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି।

## ଉଚ୍ଚ ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ବିଜେପି ସରକାର ପ୍ରତିବଦ୍ଧ: ବିଜେପି

**ଭୁବନେଶ୍ୱର, ୧୮।୧୦ (ମହାଭାରତ):** କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ଦେଶରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ହୋଇଛି। ୨୦୧୪-୧୫ ମସିହା ପୂର୍ବରୁ ଦେଶରେ ୭୬୦ଟି ବିଶ୍ୱବିଦ୍ୟାଳୟ ଥିଲା। ସାରା ଭାରତରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ୧୨୮୯ରେ ପହଂଚିଛି। ମାତ୍ର ୧୨ ବର୍ଷ ଭିତରେ ପାଖାପାଖି ୭୦ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୩ରେ ଉଚ୍ଚଶିକ୍ଷା ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩ କୋଟି ୪୨ ଲକ୍ଷ ଥିଲା, ଆଜିର ଦିନରେ ତାହା ସାଢ଼େ ଚାରି କୋଟିରେ ପହଁଚିଛି। ମେଡିକାଲ କଲେଜରେ ବି ସମାନସ୍ଥିତି ରହିଛି। ୨୦୧୪ ପୂର୍ବରୁ ଏହି ସଂଖ୍ୟା ମାତ୍ର ୩୮୭ ଥିଲାବେଳେ ଏବେ ମେଡିକାଲ କଲେଜ ସଂଖ୍ୟା ଦେଶରେ ୮୪୬ ହୋଇଛି। ୨୦୧୪ ପୂର୍ବରୁ ଏମ୍‌ବିବିଏସ ସିଟ୍ ସଂଖ୍ୟା ୫୧,୩୪୮ ଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପଲିସି ଏବଂ ଉନ୍ନୟନମୂଳକ କାମ ଯୋଗୁ ମେଡିକାଲ ସିଟ୍ ସଂଖ୍ୟା ୧,୩୯,୮୬୪କୁ ବୃଦ୍ଧି ପାଇଛି। ୨୦୧୪ ପୂର୍ବରୁ ଦେଶରେ ମୋଟ ୩୮,୦୦୦ ଡିଗ୍ରୀ କଲେଜ ଥିଲାବେଳେ ଆଜି ସେହି ସଂଖ୍ୟା ୪୮,୦୦୦ ରୁ ଅଧିକ ହୋଇଛି। ୨୦୧୩ ମସିହାରେ ଦେଶରେ ୧୬ଟି ଆଇଆଇଟି ଥିଲାବେଳେ ମାତ୍ର ୧୨ ବର୍ଷରେ ତାହା ବୃଦ୍ଧି ପାଇ ୨୩ରେ ପହଂଚିଛି। ପୂର୍ବରୁ ଆଇଆଇଟି ପଢୁଥିବା ଛାତ୍ରଛାତ୍ରୀ ସଂଖ୍ୟା ୬୫,୦୦୦ ଥିଲାବେଳେ ବର୍ତ୍ତମାନ ତାହା ବୃଦ୍ଧି ପାଇ ୧,୩୫,୦୦୦ ହୋଇଛି। ୨୦୧୪ ପୂର୍ବରୁ ଦେଶରେ ଆଇଆଇଏମ୍ ସଂଖ୍ୟା ଥିଲା ୧୩ ଯାହା ଏବେ ୨୧ ହୋଇଛି । ସେହିଭଳି ୨୦୧୪ ପୂର୍ବରୁ ଦେଶରେ ଏମ୍ସ ସଂଖ୍ୟା ଥିଲା ୭ ଯାହା ଏବେ ବୃଦ୍ଧି ପାଇ ୨୦ରେ ପହଂଚିଛି। ମାତ୍ର ୧୨ ବର୍ଷ ଭିତରେ ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷା ଅନୁଷ୍ଠାନ, ମେଡିକାଲ ସିଟ୍ ସଂଖ୍ୟା, ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ପଢୁଥିବା ଛାତ୍ରୀଛାତ୍ରଙ୍କ ସଂଖା ସବୁଥିରେ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରମାଣିତ କରୁଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦେଶର ଯୁବବର୍ଗ ଛାତ୍ରଛାତ୍ରୀ, ଜେନଜିଙ୍କ ଭବିଷ୍ୟତ ପାଇଁ ପ୍ରତିବଦ୍ଧ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ଅନୀଲ ବିଶ୍ୱାଳ କହିଛନ୍ତି।

୨୦୧୪ ପୂର୍ବରୁ ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକାରେ ଦେଶର ମାତ୍ର ୧୧ଟି ଶିକ୍ଷାନୁଷ୍ଠାନ ଆସୁଥିଲା, ଯାହା ଆଜିର ଦିନରେ ବୃଦ୍ଧି ପାଇ ୫୬ଟି ପ୍ରତିଷ୍ଠାନକୁ ମିଳିଛି। ଏହା ଦର୍ଶାଉଛି ଯେ, ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ୧୨ ବର୍ଷରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଭାରତବର୍ଷର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। ଯେଉଁ ବିରୋଧୀ ଦଳମାନେ ଆଜି ପ୍ରଶ୍ନ କରୁଛନ୍ତି ଯେ, ଦେଶର ଶିକ୍ଷା କ୍ଷେତ୍ରରେ କ'ଣ ପରିବର୍ତ୍ତନ ଆସିଛି ସେମାନେ ଏହି ପରିସଂଖ୍ୟାନ ଦେଖିଲା ପରେ ହୁଏତ ଉତର ପାଇଯିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର ସମୟରେ ଆରମ୍ଭ ହୋଇଥିବା କେଜିରୁ ପିଜି ମାଗଣା ଶିକ୍ଷାଦାନ ଯୋଜନା ଏକ ଐତିହାସିକ ଯୋଜନା। ସେହିଭଳି ୧୪ଟି ବିଶ୍ୱବିଦ୍ୟାଳୟରେ କୂଳପତି ନିଯୁକ୍ତି, ଉଚ୍ଚ ଶିକ୍ଷାରେ ଅଧ୍ୟାପକ ନିଯୁକ୍ତି, ପିଏମ୍ ଉଷା ଏବଂ ରାଜ୍ୟ ସରକାରଙ୍କ ଯୋଜନାରେ ରାଜ୍ୟର ବିଶ୍ୱ ବିଦ୍ୟାଳୟମାନଙ୍କୁ ୬୭୭ କୋଟି ଟଙ୍କାର ଆର୍ଥିକ ଅନୁଦାନ, ଜ୍ଞାନଦୋୟ ଯୋଜନାରେ ୫ ବର୍ଷ ପାଇଁ ୫୪୦୩ କୋଟିର ବ୍ୟୟ ବରାଦ ପ୍ରଥମ ଥର ପାଇଁ ସିଙ୍ଗାପୁରର ଗ୍ଲୋବାଲ ଫାଇନାନ୍ସିଆଲ ନେଟୱାର୍କର ସହଭାଗିତାରେ ଫିନଟେକ୍ ଶିକ୍ଷାର ପ୍ରଚଳନ ଭଳି ଯୁଗାନ୍ତକାରୀ ନିଷ୍ପତି ବିଜେପି ସରକାର ନେଇଛି, ଯାହା ଆଗାମୀ ଦିନରେ ଓଡ଼ିଶାର ଉଚ୍ଚ ଶିକ୍ଷାକୁ ଆହୁରି ସମୃଦ୍ଧ କରିବ। ଓଡ଼ିଶାରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଇକୋସିଷ୍ଟମର ବିକାଶ, ସେମିକଣ୍ଡକ୍ଟର ଇକୋସିଷ୍ଟମର ପ୍ରତିଷ୍ଠା, ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ନେଇ ସରକାରୀ କଲେଜମାନଙ୍କରେ ଶିକ୍ଷା ବ୍ୟବସ୍ଥାରେ ଏଆଇ, ସ୍ମାର୍ଟ ଏଜୁକେଶନକୁ ପ୍ରଚଳନ କରିବା କ୍ଷେତ୍ରରେ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି।




# ଜୀବନ ନେଉଛି ରାସ୍ତା

ସବୁ ବେଳେ ରାସ୍ତାରେ ଯାନବାହନ ଚଳାଚଳ କରୁଛି। ଏହା ସହିତ ସଡ଼କ ଦୁର୍ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଆଜି ୩୦ ବର୍ଷ ତଳେ କାଁ ଭାଁ ସଡ଼କ ଦୁର୍ଘଟଣା ହେଉଥିବା ଏବଂ ଜୀବନହାନୀର ଖବର ଆସୁଥିଲା। ଗୋଟିଏ ଦୁର୍ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହେଉଥିଲା। କିନ୍ତୁ ଏବେ ପ୍ରତିଦିନ ଅନେକ ଛୋଟ ବଡ଼ ଦୁର୍ଘଟଣା ହେଉଛି ଏବଂ ରାସ୍ତାରେ ଜୀବନ ଯାଉଛି। ଏକ ରିପୋର୍ଟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ସାରା ବିଶ୍ୱରେ ସର୍ବାଧିକ। ସଡ଼କ ଦୁର୍ଘଟଣାରେ ଭାରତ ହେଉଛି ବିଶ୍ୱର ରାଜଧାନୀ। ପ୍ରତି ବର୍ଷ ଏଠାରେ ଯେତିକି ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି କୌଣସି ଏକ ରୋଗରେ ବର୍ଷକୁ ସେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି। ଗୋଟିଏ ବାକ୍ୟରେ କହିଲେ ସଡ଼କ ଦୁର୍ଘଟଣା ଏବେ ଏକପ୍ରକାର ମହାମାରୀରେ ପରିଣତ ହୋଇଛି। ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡୁନି। ସଡକ ଦୁର୍ଘଟଣାର ଅନେକ କାରଣ ରହିଛି। ଅନେକ ସ୍ଥାନରେ ରାସ୍ତା ନିର୍ମାଣରେ ତ୍ରୁଟି, ମରାମତି ବା ରକ୍ଷଣାବେକ୍ଷଣରେ ଅବହେଳା, ରାସ୍ତାରେ ଗୋରୁଗାଈ ବା କୁକୁରଙ୍କ ଅବାଧ ଚଳପ୍ରଚଳ, ମଦ୍ୟପାନ କରି ବେପରୁଆ ଗାଡ଼ିଚାଳନା, ସାମର୍ଥ୍ୟଠାରୁ ଅଧିକ ବ୍ୟକ୍ତି ଗାଡ଼ିରେ ଯାତ୍ରା କରିବା, ଅନଭିଜ୍ଞ ବା ଅଣତାଲିମପ୍ରାପ୍ତ ଡ୍ରାଇଭର ଗାଡ଼ି ଚଳାଇବା, ଅତି ଦ୍ରୁତ ଗତିରେ ଗାଡ଼ି ଚଳାଇ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ। ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବେପରୁଆ ଆଭିମୁଖ୍ୟ ଯୋଗୁ ଦୁର୍ଘଟଣା ବଢ଼ିଚାଲିଛି। ଫଳରେ ରାସ୍ତାରେ ଧନଜୀବନ ହାନି ହେଉଛି। ବର୍ଷା ଦିନେ ସଡ଼କ ଦୁର୍ଘଟଣା ସଂଖ୍ୟା ଆହୁରି ବଢ଼ି ଯାଉଛି। ଜାତୀୟ ବା ରାଜ୍ୟପଥରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଗାଡ଼ିମୋଟର ଯାଞ୍ଚ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ସହର ଭିତରେ ବି ଏହାର ଅଭାବ ରହିଛି। ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭର ବା ବାଇକ ଚାଳକଙ୍କ ବିରୋଧରେ ଯେପରି ଦଣ୍ଡବିଧାନ ହେବା ଉଚିତ ତାହା ହେଉନାହିଁ। ସର୍ବସାଧାରଣ ବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତ୍ରା କରୁଥିବା ବସର ଫିଟନେସ ଟେଷ୍ଟ କରାଯାଉନି। ବସରେ ସାମର୍ଥ୍ୟଠାରୁ ଅଧିକ ଲୋକ ଯାତ୍ରା କରିବା ଅନୁଚିତ। ଏହାକୁ ବି ଯାଞ୍ଚ କରାଯାଉନି। ବସ, ଟ୍ରକ ବା କାର ଚାଳକମାନେ କେତେ ଦକ୍ଷ ତାହାର ନିୟମିତ ଆକଳନ କରାଯିବା ଉଚିତ। କିନ୍ତୁ ପରିବହନ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି। ଯେଉଁମାନେ ରାତିରେ ବସ ବା ଟ୍ରକ ଚଳାଉଛନ୍ତି, ସେମାନଙ୍କର ନିୟମିତ ଆଖି ପରୀକ୍ଷା କରାଯିବା ଉଚିତ। ଅନେକ ଦୁର୍ଘଟଣାପ୍ରବଣ ସ୍ଥାନରେ ଯେପରି ସତର୍କତା ମୂଳକ ବ୍ୟବସ୍ଥା ରହିବା ଉଚିତ ତାହା କରାଯାଉନି। ବରଂ ଅନେକ ସମୟରେ ଅତି ଅବ୍ୟବସ୍ଥିତ ଭାବେ ରାଜପଥରେ ହମ୍ପ ନିର୍ମାଣ କରାଯାଉଛି। ତାହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଦୁର୍ଘଟଣାର କାରଣ ହେଉଛି। ଦୁର୍ଘଟଣାପ୍ରବଣ ସ୍ଥାନରେ ରାତିରେ ଆଲେକ ବ୍ୟବସ୍ଥା ରହିବା ଉଚିତ। ଦିନ ରାତି ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ଉଚିତ। ରାସ୍ତା କଡ଼ରେ ଥିବା ଗାଁ ଏବଂ ବଜାର ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯିବା ଉଚିତ ଏବଂ ବେପରୁଆ ଭାବେ ରାସ୍ତା ପାରିହେବା ବା ରାସ୍ତାରେ ବୁଲିବାକୁ ବାରଣ କରାଯିବା ଉଚିତ। ଏହାକୁ ରୋକିବା ନିମନ୍ତେ ଦ୍ରୁତ ଗତିରେ ବାଇକ ବା କାର ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଉଚିତ। କେବଳ ହେଲମେଟ ଚେକିଂରେ ଯାଞ୍ଚ ବ୍ୟବସ୍ଥା ସୀମିତ ରଖିବା ଅନୁଚିତ। ଯେଉଁମାନେ ରାସ୍ତାର ନିୟମ ମାନି ଭୁଲ ଦିଗରେ ଗାଡ଼ି ଚଳାଉଛନ୍ତି, ମୁଖ୍ୟ ରାସ୍ତାରେ ଗାଡ଼ି ପାର୍କିଂ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। କୋଭିଡ ମହାମାରୀଠାରୁ ସଡ଼କ ଦୁର୍ଘଟଣା ଅଧିକ ବିପଜ୍ଜନକ ହୋଇଉଠିଛି। ଏହାକୁ ସରକାର ଗମ୍ଭୀରତାର ସହ ନେବା ଉଚିତ। ଏହା ସହିତ ବର୍ଷ ତମାମ ଜନ ସଚେତନତା ଅଭିଯାନ, ସ୍କୁଲ କଲେଜ ପାଠ୍ୟକ୍ରମେ ସଡ଼କ ସୁରକ୍ଷାକୁ ଏକ ବାଧ୍ୟତାମୂଳକ ବିଷୟ ଭାବେ ପାଠ୍ୟକ୍ରମରେ ସାମିଲ କରାଯିବା ଉଚିତ। ଅଭିଭାବକମାନଙ୍କୁ ନିଜ ପିଲାଙ୍କୁ ଯଥାସମ୍ଭବ କମ ଗାଡ଼ି ବ୍ୟବହାର କରିବାକୁ ପରାମର୍ଶ ଦିଆଯିବା ଉଚିତ।

# ଦୂତଙ୍କୁ କଷ୍ଟଦେବା ଶାସ୍ତ୍ର ବିରୁଦ୍ଧ

"
ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ।

**॥ ଅଜୟ କୁମାର ବେହେରା ॥**

ରାମାୟଣରେ ଦୁଇଟି ଦୂତଙ୍କର ବିଶେଷ ତଥ୍ୟ ରହିଛି ପ୍ରଥମ ହନୁମାନ ଦ୍ୱିତୀୟ ଅଙ୍ଗଦ। ପ୍ରଭୁ ଶ୍ରୀରାମଙ୍କ ସେ ଥିଲେ ଦୂତ ବା ଦୌତ୍ୟ ପ୍ରତିନିଧି। ଦୁଇ ମୁଖ୍ୟଙ୍କ ମଧ୍ୟରେ ପରସ୍ପର ଭାବ ଆଦାନ ପ୍ରଦାନ କରିବା ପାଇଁ ମାଧ୍ୟମ ଏଇ ଦୂତ। ଏକ ସ୍ଥାନରୁ ଅନ୍ୟ ସ୍ଥାନ ନିଶ୍ଚେ କିଛି ଦୂର ପ୍ରତି ସ୍ଥାନରେ ଆଚରଣ ଲୋକଚାର କିନ୍ତୁ ନିୟମ କାନୁନ, ଧର୍ମାଚରଣ, କଥିତ ଭାଷା ଓ ଲିଖିତ ଭାଷା ଭିନ୍ନ ହୋଇଥାଏ। ଏକ ରାଜ୍ୟ ମଧ୍ୟରେ ଭାଷା ଭିନ୍ନ ଏବେ ଜଣାପଡୁଛି। ରାଜ୍ୟରୁ ରାଜ୍ୟାନ୍ତର ଭାଷା ମଧ ଏପରି ହୋଇଥାଏ। ଦେଶରୁ ଦେଶାନ୍ତର ଭାଷା ସଂସ୍କୃତି ନିଶ୍ଚେ ଭିନ୍ନ। କଟକ ଭାଷା ପଶ୍ଚିମ ଓଡ଼ିଶା ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶାର କଥିତ ତଫାତ ଭାଷା ଏବେ ପଡୁଛି। ଉତ୍ତର ଭାରତର ହିନ୍ଦୀଭାଷା ମାତ୍ର ତାମିଲନାଡୁରେ ତାମିଲଭାଷା ଆନ୍ଧ୍ରରେ, କର୍ଣ୍ଣାଟକ, କେରଳରେ ମହାରାଷ୍ଟ୍ର, ଗୁଜୁରାଟରେ ଭିନ୍ନ ଭିନ୍ନ ଭାଷା। ଯଦି ଏକ ରାଜ୍ୟର ଜଣେ କର୍ତ୍ତା। ଅନ୍ୟ ରାଜ୍ୟର କର୍ତ୍ତାଙ୍କ ନିକଟକୁ କୌଣସି ସମ୍ବନ୍ଧ ସ୍ଥାପନ ପାଇଁ ଚେଷ୍ଟା କରନ୍ତି ଏପାଇଁ ସେ ଭାଷା ଜ୍ଞାତ ହେବା ଦରକାର। ଏଥିପାଇଁ ଦୋଭାଷୀ ବା ବହୁଭାଷୀ ଜ୍ଞାନ ଥିବା ବ୍ୟକ୍ତିର ଆବଶ୍ୟକ। ଯେ ଜଣଙ୍କର ଭାଷା ଅନ୍ୟ ଜଣଙ୍କୁ ବୁଝାଇବାରେ କଷ୍ଟ ହୁଏନାହିଁ। ଶ୍ରୀରାମଙ୍କ ଘର ହିନ୍ଦୀ ଭାଷୀ ଅଯୋଧ୍ୟା, ରାବଣଙ୍କର ଘର ଲଙ୍କା ଯେଉଁଠି ହିନ୍ଦୀ ଅବଧି ଭାଷା ଯାହା ତାମିଲଭାଷା ଓ ସିଂହଳୀ ଭାଷା। ଏହି କ୍ଷେତ୍ରରେ ଯାଇଥିବା ଦୂତ କେମିତି ତାଙ୍କୁ ବୁଝାଇବେ? ଏହା ଏକ ସମୟ, ଏକ ଭାଷାର ତତସମ ଶବ୍ଦ ଅନ୍ୟଙ୍କର ବୋଧ ଭାଷାରେ ବୁଝାଇବା ପାଇଁ ଦୋଭାଷୀ କଥକଙ୍କର ନିହାତି ଦୁଇ ଭାଷାର ଅଭିଧାନ ଜ୍ଞାନ ଥିବା ଦରକାର। ଦୁଇ ରାଜ୍ୟ ବା ଦୁଇ ଦେଶର ମାଧ୍ୟମିକ ରାଜ୍ୟ ଦୁଇ ସୀମା ଭାଷା ପାଇଁ ଅନେକ ଲୌକିକ ଜ୍ଞାନ ଆହରଣ କରିଥାନ୍ତି। ଏ ସମୟରେ ଶୁଦ୍ଧ ହିନ୍ଦୀ ଓ ତାମିଲ ସିଂହଳୀ ଭାଷାରେ ଦୁଇ ପକ୍ଷ କଥୋପକଥନ ହେଲେ କେବେ ଭାବ ବୁଝି ହେବନାହିଁ ଏଥିପାଇଁ ଅନେକ ସ୍ଥଳରେ ମାଧ୍ୟମ ଭାଷା ଇଂରାଜୀ ରହିଛି। ଭାରତରେ ଜାତୀୟ ଭାଷା ପୂର୍ବରୁ ସଂସ୍କୃତ ଭାଷା ଥିଲା ହେଲେ ଗଣତନ୍ତ୍ର ପ୍ରାସନରେ ହିନ୍ଦୀ ଭାଷାକୁ ଜାତୀୟ ଭାଷା କରାଯାଇଛି। ଏହାବାଦ ଅନେକ ଆଞ୍ଚଳିକ ଲିଖିତ ଓ କଥିତ ଭାଷା ଅଛି, ପୂର୍ବେ ସ୍ଥିର ଲିଖିତ ଭାଷା ନଥିଲା ଓ ପ୍ରତ୍ୟେକ ଭାଷାକୁ ଅନ୍ୟ ଭାଷାରେ କିପରି ବୁଝାଯାଇ ଭାବ ପ୍ରକାଶ କରାଯାଇ ପାରିବ ଏ ସମସ୍ୟା ଥିଲା। ଅନେକ ଭାଷାରେ ଠାର ଭାଷା ଅଛି, ଆମ ଓଡ଼ିଆ ଭାଷାରେ କରଣୀ ଭାଷା ଥିଲା। ଲୋକେ ଦର୍ପଣୀ ଭାଷା ଓ ଶଶିଠାରରେ ଭାଷା ବୁଝିବା ଥିଲା। ମାତ୍ର ଆଉ ଏକ ଭାଷା ରହିଛି ଯାହା ଶରୀରର ଅଙ୍ଗଭଙ୍ଗୀର ଭାଷା ଓ ହୃଦୟର ଭାଷା ଯେତେବେଳେ ବିଦେଶୀ ସମୁଦ୍ର ଜଳପଥରେ ଜଳଯାତ୍ରାରେ ଆସି ଭାରତ ଭୂଖଣ୍ଡରେ ପହଞ୍ଚି ଥିଲେ ସେମାନଙ୍କୁ ସାଗର ତଟଲୋକେ ଶତ୍ରୁ ଭାବି କିଛି କ୍ଷେପଣ କରି (ଇଟା, ପଥର, ଟେକା) ଫୋପାଡ଼ି ବ୍ୟସ୍ତ କରୁଥିଲେ ହେଲେ ତାଙ୍କ ପାଖରେ ରକ୍ଷା ପାଇବାକୁ ତତ୍କାଳ କିଛି ଉପାୟ ନଥିଲା ସେମାନେ ସଙ୍ଗରେ ନେଇ ଆସିଥିବା ଆଳୁକୁ ଫିଙ୍ଗି ଥିଲେ। ସ୍ଥାନୀୟ ବାସିନ୍ଦାମାନେ ଏହା କ'ଣ? ଜାଣିବା ପାଇଁ ତାଙ୍କୁ ପଚାରିବା ଚେଷ୍ଟା କଲେ ତାପରେ ଆସିଲା ମିତ୍ରତା ଓ ଆଳୁର ପ୍ରୟୋଗ ଚାଷ ଇତ୍ୟାଦି। ଏମିତି ହାକିମୀ ଚିକିତ୍ସାର ଉପକାର ନମିଳିବା ସ୍ଥଳେ ପାଶ୍ଚାତ୍ୟ କନ୍ୟାର ଦାରୁଣ ରୋଗ ଆରୋଗ୍ୟ କାରଣରୁ ଏଥିରେ ବ୍ରିଟିଶ ଦୂତମାନେ ଭାରତରେ ରାଜ୍ୟ ଅନୁକମ୍ପା ପାଇଥିଲେ।

ଚକ୍ଷୁ ଦ୍ୱାରା ଅନେକ ଭାଷା ପ୍ରେମୀଯୁଗଳ ମଧ୍ୟରେ ବୁଝାପଡ଼େ। ଅନେକ ଯୁବତୀଙ୍କୁ ଇଙ୍ଗିତ ଚକ୍ଷୁରେ ଦୁଷ୍ଟ ଅଭଦ୍ର ଯୁବକ ଦେଇଥାନ୍ତି। ତ୍ରେତା ଯୁଗରେ ଋଷିମୂନୀମାନେ ଥିଲେ। ଋଷିମାନେ ସଂସ୍କୃତ ଭାଷାରେ ସବୁ ଶାସ୍ତ୍ର ଲେଖିଛନ୍ତି ଓ ପଢୁଥିବା ବେଦ ବା ପ୍ରୟୋଗ କରୁଥିବା ବେଦମନ୍ତ୍ର ସଂସ୍କୃତରେ ଥିଲା ସେମାନେ ତାଙ୍କର ଛାତ୍ର ମାନଙ୍କୁ ସଂସ୍କୃତ ମାର୍ଫତ ପଢ଼ାଉଥିଲେ। ଏମିତିକି ଶ୍ରୀରାମ ଓ ତାଙ୍କର ଭାଇମାନେ ସଂସ୍କୃତରେ ପଢ଼ିଛନ୍ତି। ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଆଦି ଋଷିକୁମାର, ବିଶ୍ରବା ଋଷିଙ୍କର ସେମାନେ ସନ୍ତାନ ଏମାନେ ବି ସଂସ୍କୃତ ପାଠ କରିଛନ୍ତି। ହେଲେ ତାଙ୍କର ମାମୁଁଘର ଭାଷା ଥିଲା ଭିନ୍ନ ଆଚାର, ବ୍ୟବହାର, ଜୀବନଧାରଣର ମାନ ଥିଲା ଭିନ୍ନ ଖାଦ୍ୟ ଭକ୍ଷଣ ଥିଲା ଭିନ୍ନ। ହନୁମାନ ଜଣେ ଏମିତି ବ୍ୟକ୍ତି ସେ ପ୍ରଖ୍ୟାତ ସଂସ୍କୃତ ପଣ୍ଡିତ ଜ୍ଞାନୀ ମାନଙ୍କର ଅଗ୍ରଗଣ୍ୟ। ଅନେକ ଭାଷାରେ ଜ୍ଞାତ ଥିଲେ ହେଲେ ଏକ ଶବ୍ଦର ନାନାଦି ଅର୍ଥ ବିଶ୍ଳେଷଣ ଥିବାରୁ ରାବଣ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ହନୁମାନଙ୍କ ବୋଧରେ ରାବଣଙ୍କ ଭାଷା ଶୈଳୀ ପ୍ରୟୋଗ ଜାଣି ତାର ଅନେକ କଥାରେ ହଁ ଭରି ନିଜ ଲାଞ୍ଜରେ ଅଗ୍ନୀ ସଂଯୋଗ ପାଇଁ ରାଜି ହୋଇଥିଲେ ଯାହା ହନୁମାନ ଜଣେ ଦୂତ ସେ ଅବଧ୍ୟ ତାଙ୍କୁ ରାବଣ ବିକଳାଙ୍ଗ ଚେଷ୍ଟା ଭାବନା ଓଲଟ ହୋଇ ସ୍ୱର୍ଣ୍ଣଲଙ୍କା ଦଗ୍ଧୀଭୂତ ହୋଇଥିଲା। ରାବଣ ଦୂତକୁ କଷ୍ଟ ଦେଇ ଶ୍ରୀରାମଙ୍କୁ ନିଜ ବଳ ପରାକ୍ରମ ସୂଚନା ଦେବା ଚିନ୍ତା ଫସର ଫାଟି ଯାଇଥିଲା। ମନ୍ତ୍ରୀ ସଚିବ ସବୁରାଜା ପ୍ରଶାସକଙ୍କର ରହିଛି। ରାଜହତ ଅଛନ୍ତି, ରାଜ ପ୍ରତିନିଧି ଅଛନ୍ତି। ରାଜଧାନୀ ସଦାବ୍ୟସ୍ତ ରାଜା ବା ମୁଖ୍ୟ ପ୍ରଶାସକ କେବେ ସର୍ବତ୍ର ଚାହିଁଲେ ବି ଯାଇ ନପାରନ୍ତି। ଏପାଇଁ ଅତି ଦରକାରୀ କାମରେ ଚିଫ ସେକ୍ରେଟାରୀ, ଜିଲ୍ଲା କଲକ୍ଟେର, ହସିଲଦାର, ବିଡ଼ିଓଙ୍କୁ ତାଙ୍କର ଆଦେଶ ଫରମାନ ପ୍ରୟୋଗ ପାଇଁ ସଦା ଲଗାଉଛନ୍ତି। ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ। ବ୍ରିଟିଶ ରାଜ୍ୟର ପ୍ରତିନିଧି ଭାରତରେ ଲର୍ଡ଼ ଥିଲେ ଏଇ ଲର୍ଡମାନେ ଜମିଦାର ରାଜାଙ୍କ ଦ୍ୱାରା ଖଜଣା କର ଆଦାୟ କରୁଥିଲେ। ଲୋକେ ରାଜ ଭୟରେ ବାଧ୍ୟ ହୋଇ କର ବାନ୍ଧୁଥିଲେ ନ ହେଲେ କାର୍ଯ୍ୟାନୁଷ୍ଠାନ ଜମି ବା ରାଜ୍ୟ ତାଲୁକ ନିଲାମ ହେଉଥିଲା ଅତଏବ ରାଜ ପ୍ରତିନିଧି ସଦା ଥିଲେ ଏବେ ଅଛନ୍ତି। ଜଣେ ରାଜ୍ୟ ମୁଖ୍ୟଙ୍କ ଯାତ୍ରାପଥରେ ଯେତେ ନିରାପତ୍ତାରକ୍ଷୀ କାମ କରନ୍ତି ତାଙ୍କର ଆଦେଶ ଜାହିର କରିବା ପାଇଁ ସେତେ ଦରକାର ନାହିଁ। ତାପରେ ମନ୍ତ୍ରଣା ଦାତାଙ୍କୁ ମୂଳ ଆଦେଶ ଦେଇ ତାହା କେମିତି କାମ କରିବ ଏହା ତାଙ୍କ ବୁଦ୍ଧି କରାମତିରେ କହିବାକୁ ପରାମର୍ଶ ଦେଇଥାନ୍ତି। ଦୂତ ବିଶ୍ୱାସର ପାତ୍ର ବା ଯାତ୍ରୀ, ସ୍ତ୍ରୀଲୋକ ଦୂତୀ କାର୍ଯ୍ୟ କରିପାରନ୍ତି। ରାଜ ଅନ୍ତଃପୁରର ଅଳି ଅଳି ରାଜକୁମାରୀ ସହ ଭିନ୍ନ ଦେଶର ରାଜକୁମାର ସମ୍ବନ୍ଧ ଦୂତୀମାନେ କରୁଥିଲେ। ହଂସଦୂତ, ମେଘଦୂତ ସମ୍ବନ୍ଧରେ ସଂସ୍କୃତ କାବ୍ୟରେ ଉଦାହରଣ ଅଛି, ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମଧ୍ୟରେ ସମ୍ବନ୍ଧ ଦୂତୀଙ୍କ ଦ୍ୱାରା ହେଉଥିଲା। ଯୋଗବଳାଙ୍କ ମଧ୍ୟରେ ଦୂତୀ ଥିଲେ। ଦୂତୀ କାର୍ଯ୍ୟରେ ମାଲୁଣୀ, ବାରିକଆଣି, ଧୋବଣୀ ବ୍ୟବହାରରେ ଆସୁଥିଲେ। ପାରାପକ୍ଷୀ ଦୂତ କାର୍ଯ୍ୟ କରିବା ସମସ୍ତେ ଜାଣନ୍ତି। ଏବେ ମଧ ପାରାପକ୍ଷୀ ଦୂତ କାମରେ ଆସୁଛନ୍ତି। ନିମନ୍ତ୍ରଣ କରିବା କାର୍ଯ୍ୟ ଦୂତ ଦ୍ୱାରା କରାଯାଏ ଏ କାମ ନାପିତମାନେ ତୁଲାଉ ଥିଲେ। ଡାକ ବିଭାଗ ଦୂତକାର୍ଯ୍ୟ କରୁଛନ୍ତି। ପ୍ରେରକ ଗ୍ରାହକ ମଧ୍ୟରେ ଯୋଗସୂତ୍ର ଡାକ ବିଭାଗ କରି ଆସୁଛି। ମୁଦ ଚିଠି, ଖୋଲାଚିଠି, ବେରିଂ ଚିଠି, ରେଜେଷ୍ଟ୍ରି ଚିଠି, ପାର୍ସଲ, ମନିଅର୍ଡ଼ର ସବୁ ଗ୍ରାହକ ପାଇବା ଦୂତ ଦ୍ୱାରା ହିଁ ସାଧିତ ହେଉଛି। ଏବେ ଟେଲିଗ୍ରାମ ବାର୍ତ୍ତା। ବିଲୁପ୍ତ ମାତ୍ର ଦିନେ ଟେଲିଗ୍ରାମ ନେଇ ବାର୍ତ୍ତାବହ ମାନେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେଉଥିଲେ। ଯୁଦ୍ଧ ଭୂମିରେ କୂଟନୀତି ପ୍ରୟୋଗ ପାଇଁ ଦୂତ ପ୍ରେରଣ ହୁଏ। ଏହି ଦୂତମାନେ ମଧ ରକ୍ତପାତ ସମୟ ଅର୍ଥ କ୍ଷୟ, ବଳ କ୍ଷୟରୁ ତ୍ରାହି କରିପାରନ୍ତି। ମନ୍ତ୍ରପୁତ ତୀର ବି ଦୂତ କାମ କରେ । ତରଣୀ ସେନ ଓ ଶ୍ରୀରାମଙ୍କ ପ୍ରଥମ ତୀର ଏପରି ପ୍ରୟୋଗରେ ଥିଲା।

ଏସମୟରେ ମୋବାଇଲ ଫୋନ ଏ କାର୍ଯ୍ୟ ତୁଲାଉଛନ୍ତି ହେଲେ ଏଥିରେ ଗୋପନୀୟତାର ବିଶ୍ୱାସ ଲୁଟ ସମ୍ଭବନା ଆସିଗଲାଣି। ଯୁଗେ ଯୁଗେ ବିଶ୍ୱାସ ଘାତକ ଅଛନ୍ତି। ମନୁଷ୍ୟ ସ୍ୱ ସ୍ୱାର୍ଥ ପାଇଁ ପିଶାଚ ରାକ୍ଷସ ସମୟକୁ ହୋଇପାରେ ଏ ଯୁଗରେ ଏହାବାଦ ଯାଇନାହିଁ। ବିଶ୍ୱସନୀୟ ବ୍ୟକ୍ତି ବାଛିବା ଅତି କଠିନ। ତେବେ କିଛି ସତ୍ୟ ବି ରହିଛି ବୋଲି ଦୁନିଆ ତିଷ୍ଠି ରହିଛି। ଦୂତ ପ୍ରତିନିଧି ରାଜ କର୍ମଚାରୀ ରାଜାଙ୍କ ପରି ଶକ୍ତିଶାଳୀ ମୂଳ ଫାଇଲରୁ ଆଦେଶ ବିଳମ୍ବ ବା ନହୋଇ ପାରିବା ରାଜକର୍ମଚାରୀଙ୍କ ଦ୍ୱାରା ହିଁ ହୋଇପାରେ। ଫାଇଲ ଗାଏବ ଠିକ ସମୟକୁ ହୋଇପାରେ। ପୂର୍ବେ ଜାତିଆଣ ଭାବ ଟାଣ ଥିଲା, ଗ୍ରାମର ଚଉକିଆ ଜଣେ ତତ୍କାଳ ନିମ୍ନ ଜାତିର ବା ଭିନ୍ନ ଧର୍ମର ରହୁଥିଲେ ସେ ଯାଇ ଥାନାର ଦାରୋଗା ବା ମୁଖ୍ୟକର୍ତ୍ତାଙ୍କୁ ଗଣ୍ଡଗୋଳ କର୍ତ୍ତା, ଚୋର, ରାହାଜନୀକାରୀ ଅପରାଧ ଖବର ଜଣାନ୍ତି। ଥାନାରୁ ଚଉକିଆଙ୍କୁ ଆଦେଶ ମିଳିଥାଏ ଅଭିଯୁକ୍ତକୁ ଧରି ଥାନାକୁ ନେଇଯିବା ପାଇଁ। କାହାରି ଘରକୁ ତତ୍କାଳ ଚୌକିଆ ଗଲେ ତାକୁ ଘର ଅଟକ, ଜାତି ଅଟକ, କରାଯାଉଥିଲା। ନିଆଁ, ପାଣି ବନ୍ଦ କରାଯାଉଥିଲା। ଅତଏବ କେହି ଅପରାଧ ନକରିବା ପାଇଁ ଏକ ବଡ଼ ଉପାୟ ତତ୍କଳା ଥିଲା, ଚୌକିଆ ଗ୍ରାମକୁ ଆସିଲେ ଅତଏବ ଗ୍ରାମରେ ଜଳୁଥିଲା, ଯାହା ଏ ସମୟରେ ଖୋଦ ଏସ.ପି, ଡି.ଜି. ଆସିଲେ ବି ଏପରି ହେଉନାହିଁ। ଧର୍ମ ଭୟ ଓ ସାମାଜିକ ବନ୍ଧନ ଭୟ, ଅପରାଧିକରଣ ବିରୋଧି ଥିଲା। ରାଜ ପ୍ରତିନିଧି ଦୂତ ସମ୍ମାନନୀୟ, ପୁରାଣରେ ବିଭିନ୍ନ ପର୍ଯ୍ୟାୟରେ ଦୂତ ପ୍ରେରଣ କରାଯିବା ଉଦାହରଣ ଅଛି। ଇତିହାସରେ ଅଛି, ଏ ସମୟରେ ଏପରି ବିଭିନ୍ନ ପ୍ରକାରରେ କରାଯାଉଛି।

# କଳା ଅବତାର, ଅଂଶାବତାର ଓ ରାମାବତାର

**॥ ଡା.ଦିଲ୍ଲୀପ କୁମାର ମହାରଣା ॥**

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୂତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

**॥ ସୁଶାନ୍ତ ଭୂୟାଁ ॥**

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ କ୍ଷେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପ୍ରେମ ପାଇଁ ଗାଁ ଛାଡିଥିଲେ, ୩ ଦିନ ପରେ ହାଇଦ୍ରାବାଦରେ ପ୍ରେମିକଙ୍କ ମୃତଦେହ ଉଦ୍ଧାର ହତ୍ୟା ଅଭିଯୋଗ ଆଣିଲେ ପୁଅଘର ଲୋକେ, ଖୁର୍ଷେଲଗୁଡ଼ାରେ ଚାଞ୍ଚଲ୍ୟ



ଜୁନାଗଡ଼ (ମହାଭାରତ) ପ୍ରେମ ସମ୍ପର୍କକୁ ନେଇ ଗାଁରୁ ଫେରାର ହୋଇଥିଲେ ପ୍ରେମୀଯୁଗଳ। ହେଲେ ଫେରାର ହେବାର ମାତ୍ର ୩ ଦିନ ପରେ ହାଇଦ୍ରାବାଦରେ ପ୍ରେମିକଙ୍କ ମୃତଦେହ ଉଦ୍ଧାର ହେବା ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହା ଏକ ସାଧାରଣ ମୃତ୍ୟୁ ନୁହେଁ, ବରଂ ହତ୍ୟା ବୋଲି ଅଭିଯୋଗ ଆଣିଛନ୍ତି ମୃତ ଯୁବକଙ୍କ ପରିବାର ଲୋକେ। ଏଭଳି ଘଟଣା କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଖୁର୍ଷେଲଗୁଡ଼ା ଗାଁରେ ଶୋକ ଓ ଉଦ୍‌ବେଗର ପରିବେଶ ସୃଷ୍ଟି କରିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଖୁରସେଲଗୁଡା ଗ୍ରାମର ଧନୁରାମ ନିଆଲଙ୍କ ପୁଅ ଉମାକାନ୍ତ ନିଆଲ ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଥିଲା । ଉଭୟ ପ୍ରେମିଯୁଗଲ ଗତ ଅକ୍ଟୋବର ୧୦ ତାରିଖରେ ହାଇଦ୍ରାବାଦକୁ ପଳାଇଥିଲେ । କିନ୍ତୁ ଏହାର ତିନି ଦିନ ପରେ ଯଥା ଅକ୍ଟୋବର ୧୪ ତାରିଖରେ ହାଇଦ୍ରାବାଦରେ ଉମାକାନ୍ତଙ୍କ ମୃତ୍ୟୁ ହୋଇଥିଲା । ଉମାକାନ୍ତଙ୍କ ମୃତ୍ୟୁ ହୋଇଥିବା ନେଇ ପ୍ରେମିକା ଉମାକାନ୍ତଙ୍କ ବାପା ଧନୁରାମଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ । ଉମାକାନ୍ତଙ୍କ ମୃତଦେହ ଉଦ୍ଧାର ହୋଇଥିବା ଖବର ପରିବାର ଲୋକଙ୍କୁ ସ୍ତବ୍ଧ କରିଦେଇଛି। ଆଗରୁ ଯୁବତୀଙ୍କ ପରିବାର ପୁଅ ଘରକୁ ହତ୍ୟା ଧମକ ଦେଉଥିଲେ, ତେଣୁ ସେମାନେ ହିଁ ଉମାକାନ୍ତ ଙ୍କୁ ହତ୍ୟା କରିଥାଇ ପାରନ୍ତେ ବୋଲି ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ମୃତ ଉମାକାନ୍ତଙ୍କ ଶବକୁ ଆଣି ବ୍ୟବଚ୍ଛେଦ କରାଯାଇ ଶବ ଶତ୍କାର କରାଯାଇଛି । ତେବେ ହତ୍ୟା ଅଭିଯୋଗର ସତ୍ୟତା ଏବଂ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବା।ପ୍ରେମ ସମ୍ପର୍କ ପରେ ଫେରାର, ତା'ପରେ ଅଳ୍ପ ଦିନ ମଧ୍ୟରେ ଯୁବକଙ୍କ ମୃତ୍ୟୁ—ଏହି ଘଟଣା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଏବେ ସମସ୍ତଙ୍କ ନଜର ପୋଲିସ ତଦନ୍ତ ଉପରେ। ତଦନ୍ତ ପରେ ହିଁ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ।

## ୱେଷ୍ଟର୍ଣ୍ଣ ଡକ୍ ପ୍ରକଳ୍ପର ସମୀକ୍ଷା କଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ



ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ, ଆଜି ୱେଷ୍ଟର୍ଣ୍ଣ ଡକ୍ ସ୍ଥିତ ଜିନ୍ଦଲ ପାରାଦୀପ ପୋର୍ଟ ଲିମିଟେଡ୍ (ଜେପିପିଏଲ) ବର୍ଥ ପରିଦର୍ଶନ କରି ପ୍ରକଳ୍ପର ଅଗ୍ରଗତି, ଭିତ୍ତିଭୂମି ବିକାଶ ଓ କାର୍ଯ୍ୟକ୍ଷମତା ସମୀକ୍ଷା କରିଥିଲେ। ଏହି ଅବସରରେ ସେ ପାରାଦୀପ ବନ୍ଦର ଅଧିକାରୀ ଏବଂ ଜେପିପିଏଲର ଡେପୁଟି ସିଇଓ ସନ୍ଦୀପ ଜୈସୱାଲଙ୍କ ସହ ଆଲୋଚନା କରିଥିଲେ। ବର୍ଥର ୧୦୦ ପ୍ରତିଶତ ଯାନ୍ତ୍ରିକୀକରଣ, ପଣ୍ୟ ପରିଚାଳନା ଦକ୍ଷତା ବୃଦ୍ଧି ଏବଂ ରେଳ ଓ ସଡ଼କ ସଂଯୋଗ ମାଧ୍ୟମରେ ପଣ୍ୟ ପରିବହନକୁ ସୁଗମ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବାର୍ଷିକ ୧୨.୫ ଏମ୍.ଏମ୍.ଟି.ପି.ଏ କ୍ଷମତାବିଶିଷ୍ଟ ପ୍ରଥମ ପର୍ଯ୍ୟାୟର କାର୍ଯ୍ୟାରମ୍ଭ ଏବଂ ସୁଗମ ପରିଚାଳନାକୁ ସମୀକ୍ଷାରେ ପ୍ରାଥମିକତା ଦିଆଯାଇଥିଲା। ବିଓଟି ମଡେଲରେ ବିକଶିତ ହେଉଥିବା ଏହି ପ୍ରକଳ୍ପର ସମୁଦାୟ ଶୁଷ୍କ ବଲ୍କ କାର୍ଗୋ ପରିଚାଳନା କ୍ଷମତା ବାର୍ଷିକ ୨୫ ଏମ୍.ଏମ୍.ଟି.ପି.ଏ । ଗଭୀର ଜଳବିଶିଷ୍ଟ ବୃହତ୍ କେପ୍‌ସାଇଜ୍ ଜାହାଜର ସଫଳ ବର୍ଥିଂକୁ ଅଧ୍ୟକ୍ଷ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଅଭିହିତ କରିଥିଲେ। ଏଥିସହ ସୁରକ୍ଷା ମାନଦଣ୍ଡର ଅନୁପାଳନ, ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଦକ୍ଷ ବହୁମାଧ୍ୟମ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୱେଷ୍ଟର୍ଣ୍ଣ ଡକ୍‌ର ବିକାଶ ପାରାଦୀପ ବନ୍ଦରର ପଣ୍ୟ ପରିଚାଳନା କ୍ଷମତାକୁ ବୃଦ୍ଧି କରିବା ସହ ଦେଶର ନୌବାଣିଜ୍ୟ ଓ ଅର୍ଥନୈତିକ ପ୍ରଗତିକୁ ନୂତନ ଗତି ପ୍ରଦାନ କରିବ ବୋଲି ଆଶା ପ୍ରକାଶ କରାଯାଇଛି।

## ୩ ଏକର କପା ଚାଷ ନଷ୍ଟ ଅଭିଯୋଗ, ଥାନାରେ ଏତଲା ଦେଲେ ଚାଷୀ ନବିନ ଧରୁଆ



ପାଟଣାଗଡ, (ମହାଭାରତ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡି ପଞ୍ଚାୟତର ତୁଳସୀଡୁଙ୍ଗୁରି ଗାଁରେ ଜଣେ ଚାଷୀଙ୍କ କପା ଗଛ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ଚାଷୀ ନବିନ ଧରୁଆ ଏନେଇ ପାଟଣାଗଡ଼ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ନବୀନ ଧରୁଆ ପ୍ରାୟ ୩ ଏକର ଜମିରେ କପା ଚାଷ କରିଥିଲେ। ଗଛଗୁଡ଼ିକ ପ୍ରାୟ ୪ ଫୁଟ ଉଚ୍ଚତାରେ ପହଞ୍ଚିଥିବା ବେଳେ ସେଥିରେ ଫୁଲ ଓ ଫଳ ଧରିଥିଲା । ପ୍ରତ୍ୟେକ ଗଛରେ ପ୍ରାୟ ୨୦ରୁ ୩୦ଟି ଫଳ ଥିବା ସୂଚନା ମିଳିଛି । ଅଭିଯୋଗ ଅନୁସାରେ, ଗତ ରାତିରେ କେହି ଅଜଣା ବ୍ୟକ୍ତି ଚାଷ ଜମିରେ ପହଞ୍ଚି କପା ଗଛଗୁଡ଼ିକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ଯାହା ଫଳରେ ଚାଷୀଙ୍କ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ଯୋଗୁଁ ଚାଷୀଙ୍କ ଆର୍ଥିକ କ୍ଷତି ହୋଇଥିବା ଆଶଙ୍କା କରାଯାଉଛି। ଘଟଣାରେ କିଏ ସମ୍ପୃକ୍ତ ଏବଂ କେଉଁ କାରଣରୁ କପା ଗଛ କଟାଯାଇଛି, ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ। ଚାଷୀଙ୍କ ଏତଲା ଆଧାରରେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କୁ ଚିହ୍ନଟ କରିବାକୁ ଦାବି ହେଉଛି । ଘଟଣା ସମ୍ପର୍କରେ ପୁଲିସର ଅଧିକାରିକ ପ୍ରତିକ୍ରିୟା ଏବଂ ତଦନ୍ତର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ମିଳିବା ବାକି ରହିଛି ।

## ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୭ତମ ଉର୍ସ ଉତ୍ସବର ପ୍ରଥମ ଦିନ

ଧାମନଗର, (ମହାଭାରତ): ଭାରତ ପ୍ରସିଦ୍ଧ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତ ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ୪୭ତମ ଉର୍ସ ଉତ୍ସବ ଧାମନଗର ସ୍ଥିତ ଖାନକା ସରିଫ୍ ପରିସରରେ ୧୭/୧୮ ଦୁଇ ଦିନ ଧରି ମହା ଆଡମ୍ବରରେ ପାଳିତ ହେଉଛି। ଏହି ଉର୍ସ ଉତ୍ସବର ପ୍ରଥମ ଦିନରେ ଦେଶର ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରୁ ପୀରବାବାଙ୍କ ଲକ୍ଷ୍ୟ ଲକ୍ଷ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ପ୍ରଥମ ଦିନ ତଥା ୧୭ତାରିଖ ଶନିବାର ସକାଳ ୬ଟାରୁ ୭ଟା ୩୦ମିନିଟ ପର୍ଯ୍ୟନ୍ତ ବିଶିଷ୍ଟ ମୌଲାନାଙ୍କ ଦ୍ୱାରା କୋରାନ ଖାନି ପରେ ପୀରବାବାଙ୍କୁ ଗୋଲାପ ଜଳ ଓ ଫୁଲ ଚଢାଇ ସର୍ବ ସାଧାରଣରେ ଦର୍ଶନ କରାଯାଇଛି। ରାତି ୮ଟାରୁ ସର୍ବଭାରତୀୟ ମୁସାୟରା କାର୍ଯ୍ୟକ୍ରମ ଏବଂ ଉର୍ଦ୍ଦୁକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ମୌଲାନା,ଉର୍ଦ୍ଦୁ କବି ଓ ସାୟର ପ୍ରମୁଖ ଯୋଗଦେଇ ପୀରବାବାଙ୍କ ଜୀବନୀ ଓ ତାଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଧାର୍ମିକ ଭାଷଣ ପ୍ରଦାନ କରିଥିଲେ। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ନିମନ୍ତେ ଉର୍ସ କମିଟି ପକ୍ଷରୁ ୭୫୦ଜଣ ଏବଂ ଟ୍ରଷ୍ଟ ପକ୍ଷରୁ ୫୦୦ ୧୨୦୦ରୁ ଉର୍ଦ୍ଧ ଭୋଲେଣ୍ଟର ଓ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଇଥିବା ସୂଚନା ମିଳିଛି। । ଏହି ପର୍ବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଥାନା ପରିସରରେ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ଥାନାରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିବା ସହ ଶନିବାର ୧୨ଟା ସମୟରେ ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ତ୍ତବ୍ୟ ନିର୍ଘଣ୍ଟ ତାଲିମ ସହ ୩ଜଣ ଅତିରିକ୍ତ ଏସପି,୮ଜଣ ଡିଏସପି,୧୮ଜଣ ଇନ୍ସପେକ୍ଟର, ୧୦୯ଜଣ ସବଇନ୍ସପେକ୍ଟର, ୨୧ପ୍ଲାଟୁନ ଫୋର୍ସ,ସିଆରପିଏଫ୍ ୧ ପ୍ଲାଟୁନ,୩୦ଜଣ ହାବିଲଦାର,୮ଜଣ ଟ୍ରାଫିକ କନେଷ୍ଟବଳ,୪୦ଜଣ ହୋମଗାର୍ଡ ଙ୍କୁ ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ନିୟୋଜିତ କରାଯାଇଛି।::::

## ରେଢ଼ାଖୋଲରେ ଆହତ ଦନ୍ତାହାତୀର ମୃତ୍ୟୁ, ବନବିଭାଗର ଅବହେଳା ନେଇ ଉଠିଲା ପ୍ରଶ୍ନ

ରେଢ଼ାଖୋଲ, (ମହାଭାରତ) : ୮ ଦିନ ଧରି ଶିକାରୀର ଗୁଳିବିଦ୍ଧ ଅବସ୍ଥାରେ ଯନ୍ତ୍ରଣା ପାଇ ଜଙ୍ଗଲରେ ଘୁରି ବୁଲୁଥିଲା ଦନ୍ତା ହାତୀ, ଚିକିତ୍ସା ଅଭାବରୁ ଶେଷରେ ମୃତ୍ୟୁରେ ଶୟନ କଲେ ଗଜରାଜ, ଏଭଳି ଏକ ଅଭାବନୀୟ ଘଟଣା ଘଟି ଯାଇଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବନାଞ୍ଚଳ ଅଧୀନ ଖେସଡା ଜଙ୍ଗଲରେ ଏକ ଗୁଳିବିଦ୍ଧ ଦନ୍ତାହାତୀର ମୃତ୍ୟୁ ଘଟିଛି। ଗତ ୮ ଦିନ ଧରି ହାତୀଟି ଆହତ ଅବସ୍ଥା ଯନ୍ତ୍ରଣାରେ ଜଙ୍ଗଲରେ ଘୁରି ବୁଲୁଥିବା ବେଳେ ଆଜି ତାହାର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ ବନ୍ୟଜନ୍ତୁ ସୁରକ୍ଷା ଏବଂ ବନ ବିଭାଗର କାର୍ଯ୍ୟଶୈଳୀ ଉପରେ ସାଧାରଣତଃ ରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ରେଢ଼ାଖୋଲ ବନଖଣ୍ଡ ରେ ୨ ବର୍ଷ ମଧ୍ୟରେ ୭ ଟି ହାତୀ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୃତ ଦନ୍ତାହାତୀର ଆଗ ବାମ ଗୋଡ଼ର ଗୁଳି ବାଜିଥିବା ଜଣାପଡୁଛି। ଗତ ୮ ଦିନ ଧରି ହାତୀଟି ଆହତ ଅବସ୍ଥାରେ ଯନ୍ତ୍ରଣାରେ ଛୋଟେଇ ଛୋଟେଇ ଜଙ୍ଗଲରେ ଘୁରି ବୁଲୁଥିଲା। ହାତୀଟିକୁ ଠାବ କରି ଚିକିତ୍ସା ଯୋଗାଇଦେବା ପାଇଁ ବନ ବିଭାଗର ଦୁଇଟି ଟିମ୍ ଡ୍ରୋନ୍ କ୍ୟାମେରା ସହାୟତାରେ ଖୋଜାଖୋଜି କରି ନଜର ରଖିଥିଲେ। ତେବେ ଦୀର୍ଘ ୮ ଦିନ ଧରି ଆହତ ଅବସ୍ଥାରେ ରହିବା ପରେ ଦନ୍ତାହାତୀର ମୃତ୍ୟୁ ହେବା ଘଟଣାରେ ଅଞ୍ଚଳରେ ଗ୍ରାମବାସୀ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ହାତୀଟିକୁ ସମୟୋଚିତ ଚିକିତ୍ସା ମିଳିଥିଲା କି ନାହିଁ, ଏବଂ ଉଦ୍ଧାର କାର୍ଯ୍ୟରେ କୌଣସି ଅବହେଳା ହୋଇଥିଲା କି ନାହିଁ, ତାହାର ତଦନ୍ତ ଦାବି କରାଯାଉଛି। ଅନ୍ୟପଟେ, ଦନ୍ତାହାତୀଟି ଶିକାରୀଙ୍କ ଗୁଳିରେ ଆହତ ହୋଇଥିବା ସନ୍ଦେହ କରାଯାଉଛି। ତେବେ ହାତୀଟିକୁ କିଏ ଏବଂ କେଉଁ ପରିସ୍ଥିତିରେ ଗୁଳି କରିଥିଲା, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଏହି ଘଟଣାରେ ଦୋଷୀଙ୍କୁ ଚିହ୍ନଟ କରିବା ସହ ଆହତ ହାତୀର ଚିକିତ୍ସା ଓ ଉଦ୍ଧାର ପ୍ରକ୍ରିୟାରେ କୌଣସି ଅବହେଳା ହୋଇଥିଲେ ତାହାର ନିରପେକ୍ଷ ତଦନ୍ତ କରିବାକୁ ପରିବେଶପ୍ରେମୀ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି କରାଯାଇଛି।

## ଦୂତୀପଡ଼ା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଖଜୁରିପଡ଼ା, (ମହାଭାରତ) : ଖଜୁରିପଡ଼ା ବ୍ଲକ ବ୍ଲକ୍ ଅନ୍ତର୍ଗ ନ୍ତର୍ଗତ ଦୂତୀପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି ବିଇଓ ଶିବାରାଣୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ ଓ ଏହି ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଆମ୍ବେଡ଼କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କୃତିତ୍ୱ ହୋଇଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ରଣପାଟୁଳି ସେବାଶ୍ରମ ପ୍ରଥମ, ଲମ୍ବାବାଡ଼ି ସେବାଶ୍ରମ ଦ୍ୱିତୀୟ ଏବଂ ମାଆ ବରଳଦେବୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ସୁରଭି ସୁରଭି ମହୋତ୍ସବ ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର ଯୋଗଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୂତୀପଡ଼ା ସରପଞ୍ଚ ଜାନକୀ ଜାନୀ, ସମିତି ସଭ୍ୟ ଶୁକଦେବ ସେଠୀ, ଦୂତୀପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ପ୍ରଧାନ, ପୂର୍ବତନ ଛାତ୍ର ସଂଘ ସଭାପତି ବସନ୍ତ କୁମାର ପ୍ରଧାନ ଏବଂ ଗାନ୍ଧୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ଯୁଧିଷ୍ଠିର ମହାନ୍ତି ଏବଂ ମଞ୍ଚ ଅଭିନେତା ବିକାଶ କୁମାର ଦିଗାଲ ଯୋଗ ଦେଇଥିଲେ।

## ଦଶହରା ବଜାରରେ ଲୋଭନୀୟ ଅଫର, ଲଟେରୀ କୁପନକୁ ନେଇ ଉଠିଲା ପ୍ରଶ୍ନ ଦାମୀ ସାମଗ୍ରୀ କିଣାରେ ସ୍କୁଟିଠାରୁ ସ୍ମାର୍ଟଫୋନ୍ ଯାଏ ଅଫର; ହାତଲେଖା ବିଲ୍ ଦେଉଥିବା ଅଭିଯୋଗ

ଉମରକୋଟ, (ମହାଭାରତ) : ପାର୍ବଣ ଋତୁ ଆସିବା ସହ ଉମରକୋଟରେ ଦଶହରା ବଜାର ଚଳଚଞ୍ଚଳ ହୋଇଉଠିଛି। ଗ୍ରାହକଙ୍କୁ ନିଜ ଦୋକାନ ପ୍ରତି ଆକୃଷ୍ଟ କରିବାକୁ ସୁନା, ରୁପା, ପୋଷାକ ଓ ମୋବାଇଲ୍ ସମେତ ବିଭିନ୍ନ ସାମଗ୍ରୀ ବିକ୍ରେତାଙ୍କ ପକ୍ଷରୁ ଲୋଭନୀୟ ଅଫର ଓ ଲକି ଡ୍ର କୁପନ୍ ଦିଆଯାଉଥିବା ଦେଖାଯାଉଛି। ତେବେ ଏହି ଅଫର ଓ ଲଟେରୀ କୁପନ୍‌ର ବୈଧତା, ନିୟମ ଏବଂ ଟିକସ ଦିଗକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ସୂଚନାନୁସାରେ, କେତେକ ବ୍ୟବସାୟୀ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ କିଣାକାଟା ଉପରେ ସ୍କୁଟି, ବାଇକ୍, ବୁଲେଟ୍, ସ୍ମାର୍ଟଫୋନ୍, ଫ୍ରିଜ୍, ଟିଭି, ୱାସିଂ ମେସିନ୍, ଗ୍ରାଇଣ୍ଡର ଓ କୁକର ଭଳି ବିଭିନ୍ନ ପୁରସ୍କାରର ଅଫର ରଖିଥିବା କୁହାଯାଉଛି। ଗ୍ରାହକଙ୍କୁ କୁପନ୍ ଦିଆଯାଇ ଲକି ଡ୍ର ମାଧ୍ୟମରେ ଭାଗ୍ୟଶାଳୀ ବିଜେତାଙ୍କୁ ପୁରସ୍କାର ଦେବାର ପ୍ରତିଶ୍ରୁତି ଦିଆଯାଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଦଶହରା ବଜାରର ଭିଡ଼ ମଧ୍ୟରେ କେତେକ ଦୋକାନରେ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ପକ୍କା ବିଲ୍ ବଦଳରେ ହାତଲେଖା ବିଲ୍ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ଆସିଛି। ଏପରି ହେଲେ ଗ୍ରାହକ ଠକାମିର ଶିକାର ହେବା ସହ ସରକାରଙ୍କ ରାଜସ୍ୱ ଆଦାୟ ଉପରେ ମଧ୍ୟ ପ୍ରଶ୍ନ ଉଠିପାରେ। ବିଶେଷକରି ପାର୍ବଣ ସମୟରେ ବ୍ୟବସାୟିକ କାରବାର ବୃଦ୍ଧି ପାଉଥିବାରୁ ଟିକସ ଦିଗରେ ମଧ୍ୟ ଯାଞ୍ଚର ଆବଶ୍ୟକତା ରହିଛି। ସୁନା ଓ ରୁପା ଭଳି ଦାମୀ ସାମଗ୍ରୀ ହେଉ କିମ୍ବା କମ୍ପାନୀ ନିର୍ଦ୍ଧାରିତ ମୂଲ୍ୟର ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ—ଏତେ ବଡ଼ ମୂଲ୍ୟର ଅଫର ଦିଆଯାଉଥିବା ପଛରେ ବ୍ୟବସାୟିକ ହିସାବ କ'ଣ, ତାହା ନେଇ ମଧ୍ୟ ଗ୍ରାହକ ମହଲରେ କୌତୂହଳ ସୃଷ୍ଟି ହୋଇଛି। ଅଫରର ଖର୍ଚ୍ଚ କିପରି ଭରଣା କରାଯାଉଛି, ଲକି ଡ୍ରର ନିୟମ କ'ଣ ଏବଂ ଏଥିପାଇଁ କୌଣସି ଅନୁମତି କିମ୍ବା ଆଇନଗତ ପ୍ରକ୍ରିୟା ପାଳନ କରାଯାଉଛି କି ନାହିଁ—ତାହାର ତଦନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଉମରକୋଟ ଥାନା ଆଇଆଇସି ଯୁଗଳ ଶବରଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ଏ ସମ୍ପର୍କରେ ସେ ଅବଗତ ନଥିଲେ ଏବଂ ଥାନାରେ ଏନେଇ କୌଣସି ଅଭିଯୋଗ ମଧ୍ୟ ଆସିନାହିଁ। ତେବେ ବ୍ୟବସାୟୀମାନେ ଲଟେରୀ ସମ୍ବନ୍ଧୀୟ କୌଣସି ଅନୁମତିପତ୍ର ଥାନାରୁ ନେଇନଥିବା ସେ ସ୍ପଷ୍ଟ କରିଛନ୍ତି।

ଏଭଳି ସ୍ଥିତିରେ ଦଶହରା ବଜାରରେ ଚାଲିଥିବା ଲକି ଡ୍ର ଓ ଲୋଭନୀୟ ଅଫରର ନିୟମ, ବିଲିଂ ବ୍ୟବସ୍ଥା ଏବଂ ଟିକସ ଦେୟତା ଉପରେ ସମ୍ପୃକ୍ତ ବିଭାଗର ଯାଞ୍ଚ ଆବଶ୍ୟକ ହୋଇପଡ଼ିଛି। ବେପରୁଆ ଭାବେ ଏଭଳି କାର୍ଯ୍ୟକଳାପ ଚାଲିଥିଲେ ଏହାକୁ କିଏ ଅନୁମତି ଦେଇଛି ଏବଂ ଏଥିରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଛି କି ନାହିଁ, ତାହାର ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।





# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବିଭିନ୍ନ ପୂଜା ମଣ୍ଡପ ବୁଲିଲେ ଉଦଳା ବିଧାୟକ

ଉଦଳା ( ମହାଭାରତ ): ପାର୍ବଣର ମାହୋଲରେ ସ୍ୱବମୁଖର ହୋଇଉଠିଛି ସମଗ୍ର ଅଞ୍ଚଳ। ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ମା'ଙ୍କ ଦର୍ଶନ କରିବା ସହ ଶ୍ରଦ୍ଧାଳୁ ଓ ପୂଜା କମିଟିର ସଦସ୍ୟମାନଙ୍କ ସହ ଭାବ ବିନିମୟ କରିଛନ୍ତି ଉଦଳା ବିଧାୟକ ଭାସ୍କର ମଢେଇ ।ପୂଜା ମଣ୍ଡପରେ ପହଞ୍ଚି ବିଧାୟକ ମା'ଙ୍କ ଆଶୀର୍ବାଦ ନେବା ସହ ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ। ଉଦଳା ନିର୍ବାଚନ ମଣ୍ଡଳୀ ର ଉଦଳା ସଦର, , କପ୍ତିପଦା ରାଜବାଟି ସମେତ ବିଭିନ୍ନ ଗାଁ ରେ ଚାଲିଥିବା ପୂଜା ମଣ୍ଡପ ରେ ବୁଲିଥିଲେ ବିଧାୟକ କ୍ଷ ଏହି ଅବସରରେ ପୂଜା କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ।ପୂଜା ମଣ୍ଡପଗୁଡ଼ିକରେ ଭକ୍ତଙ୍କ ଭିଡ଼ ସହ ଉତ୍ସାହ ଓ ଉଦ୍ଦୀପନାର ପରିବେଶ ଦେଖିବାକୁ ମିଳିଥିଲା। ବିଧାୟକଙ୍କ ଏହି ଗସ୍ତକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଉତ୍ସାହ ପ୍ରକାଶ ପାଇଥିଲା। ବିଧାୟକ ଙ୍କ ସହ ଉଦଳା ସଦର ମଣ୍ଡଳ ର ସଭାପତି ଭାଗିରଥି ସେଠୀ,ନୁଦଡିହକ୍ଷ ମଣ୍ଡଳ ସଭାପତି ଦୁଷ୍ମନ୍ତ ବେହେରା ଦେବକୁଣ୍ଡ ମଣ୍ଡଳ ସଭାପତି ମହେନ୍ଦ୍ର ଖଣ୍ଡେଇ କପ୍ତିପଦା ମଣ୍ଡଳ ସଭାପତି ସୁମନ୍ତ ରାଉଳ ବରିଷ୍ଠ ବିଜେପି ନେତା ବିଜୟ ସେନାପତି ଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

### ଛତାବେଢ଼ାରେ ମୂଳନିବାସୀ ଆଦିବାସୀଙ୍କ ଜୁହାରନି କାର୍ଯ୍ୟକ୍ରମ

# ଏକାଠି ହେଲେ ହଜାର ହଜାର ଲୋକ



ରାଇଘର (ମହାଭାରତ):ନିଜର ମାଟି, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ମୂଳନିବାସୀ ଆଦିବାସୀ ସମାଜର ଏକତା ଓ ଭାଇଚାରାର ବାର୍ତ୍ତା ନେଇ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଛତାବେଢ଼ା ଗ୍ରାମରେ ମୂଳନିବାସୀ ଆଦିବାସୀଙ୍କ ପକ୍ଷରୁ ଜୁହାରନି କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ରାଇଘର ବ୍ଲକର ୨୬ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମହିଳା, ପୁରୁଷ, ଯୁବକ ଓ ଯୁବତୀଙ୍କ ସମେତ ବହୁ ସଂଖ୍ୟାରେ ମୂଳନିବାସୀ ଆଦିବାସୀ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସମସ୍ତେ ଏକତ୍ରିତ ହୋଇ ନିଜ ନିଜର ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇଥିଲେ। ଏହା ଫଳରେ କାର୍ଯ୍ୟକ୍ରମସ୍ଥଳରେ ଆଦିବାସୀ ସଂସ୍କୃତି ଓ ପରମ୍ପରାର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଥିଲା ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବୁଢ଼ାଦେଓଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାର୍ଚ୍ଚନା ସମାପ୍ତ ହେବା ପରେ ପାରମ୍ପରିକ ଗୀତ, ନୃତ୍ୟ ଓ ଗୁଟାମାଦର ବାଦ୍ୟର ତାଳେ ତାଳେ ଜୁହାରନି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପାରମ୍ପରିକ ବାଦ୍ୟର ଧ୍ୱନି ଓ ସାମୂହିକ ଅଂଶଗ୍ରହଣରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା ।ଏହି ଜୁହାରନି କାର୍ଯ୍ୟକ୍ରମରେ ହଜାର ହଜାର ମୂଳନିବାସୀ ଆଦିବାସୀ ଏକତ୍ରିତ ହୋଇ ନିଜର ପାରମ୍ପରିକ ସଂସ୍କୃତି ଓ ସାମାଜିକ ଏକତାର ପରିଚୟ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ସହ ସମାଜରେ ଏକତା, ସହଯୋଗ ଓ ଭାଇଚାରାକୁ ଅଧିକ ସୁଦୃଢ଼ କରିବାର ସୁଯୋଗ ସୃଷ୍ଟି ହୋଇଥାଏ ।ସମସ୍ତଙ୍କ ସହଯୋଗ ଓ ସାମୂହିକ ଅଂଶଗ୍ରହଣରେ ଏହି ଜୁହାରନି କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମାପନ ହୋଇଥିଲା ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୂଳନିବାସୀ ଆଦିବାସୀ ସମାଜର ଏକତା, ସଂସ୍କୃତି ଓ ପାରମ୍ପରିକ ପରିଚୟକୁ ଅଧିକ ସୁଦୃଢ଼ କରିବାର ଏକ ସୁନ୍ଦର ବାର୍ତ୍ତା ମିଳିଛି।

## ମା' ରାମଚଣ୍ଡୀ ୟୁଥ୍ କ୍ଲବ୍ ତରଫରୁ ପାରାଦୀପ ଓ କୁଜଙ୍ଗ ମେଡିକାଲରେ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ



ପାରାଦ୍ୱୀପ (ମହାଭାରତ):ରୋଗୀ ଓ ଅସହାୟଙ୍କ ସେବାରେ ମା' ରାମଚଣ୍ଡୀ ୟୁଥ୍ କ୍ଲବ୍ ତରଫରୁ ପାରାଦୀପ ଓ କୁଜଙ୍ଗ ମେଡିକାଲରେ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ମହତ୍ ଉଦ୍ଦେଶ୍ୟକୁ ନେଇ ଆଗେଇ ଆସିଛି ପାରାଦ୍ୱୀପଗଡ଼ ପଞ୍ଚାୟତ ନିମିଢ଼ି ଗ୍ରାମର ମା' ରାମଚଣ୍ଡୀ ୟୁଥ୍ କ୍ଲବ୍। ଦୀର୍ଘ ୪୦ ବର୍ଷ ଧରି ଶୃଙ୍ଖଳିତ ଭାବେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଆସୁଥିବା ଏହି କ୍ଲବ୍ ଏବେ ଅସହାୟଙ୍କ ସେବା ପାଇଁ ଆଗେଇ ଆସିଛି। କ୍ଲବ୍ ପକ୍ଷରୁ ପାରାଦ୍ୱୀପ ବିଜୁ ମେମୋରିଆଲ ମେଡିକାଲ ଓ କୁଜଙ୍ଗ ମେଡିକାଲରେ ଚିକିତ୍ସିତ ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିସହ ପ୍ରତି ମାସ ସଂକ୍ରାନ୍ତିରେ ଏଭଳି ସେବା କାର୍ଯ୍ୟ ଜାରି ରଖିବାକୁ କ୍ଲବ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜନସେବା ଓ ସମାଜ କଲ୍ୟାଣର ମହତ୍ ଉଦ୍ଦେଶ୍ୟ ନେଇ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛି ମା' ରାମଚଣ୍ଡୀ ୟୁଥ୍ କ୍ଲବ୍ ।ପାରାଦ୍ୱୀପଗଡ଼ ନିମିଢ଼ି ଗ୍ରାମର ଏହି କ୍ଲବ୍ ଦୀର୍ଘ ୪୦ ବର୍ଷ ଧରି ନିଜର ଶୃଙ୍ଖଳା ଓ ସାମାଜିକ କାର୍ଯ୍ୟକଳାପ ପାଇଁ ପରିଚିତ। କ୍ଲବ୍‌ରେ ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଥିବା ବେଳେ ପ୍ରତିବର୍ଷ ଗଣେଶ ପୂଜା ସମେତ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ତେବେ ଚଳିତ ବର୍ଷ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ବରଂ ଦୁଃଖୀ, ଦରିଦ୍ର, ରୋଗୀ ଓ ଅସହାୟଙ୍କ ସେବାକୁ ଗୁରୁତ୍ୱ ଦେଇଛି କ୍ଲବ୍। କ୍ଲବ୍‌ର ସଭାପତି ଭାସ୍କର ସାହୁ ଙ୍କ ନିର୍ଦ୍ଦେଶକ୍ରମେ ଆଜି ପାରାଦ୍ୱୀପ ବିଜୁ ମେମୋରିଆଲ ହସ୍ପିଟାଲ ଏବଂ କୁଜଙ୍ଗ ହସ୍ପିଟାଲ ରେ ପହଞ୍ଚିଥିଲେ କ୍ଲବ୍‌ର ସଦସ୍ୟମାନେ। ସେଠାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ସେବା ଓ ସହଯୋଗର ହାତ ବଢ଼ାଇଥିଲେ। ଏହି ସେବା କାର୍ଯ୍ୟକୁ ଆଗାମୀ ଦିନରେ ମଧ୍ୟ ଜାରି ରଖିବାକୁ କ୍ଲବ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରତି ମାସର ସଂକ୍ରାନ୍ତି ଅବସରରେ ଦୁଃଖୀ, ଦରିଦ୍ର ଓ ଅସହାୟଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି କ୍ଲବ୍‌ର ସଭାପତି ଓ ସଦସ୍ୟମାନେ ପ୍ରକାଶ କରିଛନ୍ତି।

## ରେଳ ଧାରଣାରେ ୨୪ ହାତୀଙ୍କ ଡେରା, ୪ଟି ଟ୍ରେନ୍ ଅଟକିଲା; ଯାତ୍ରୀ ହନ୍ତସନ୍ତ



ସୁନ୍ଦରଗଡ଼: ଚକ୍ରଧରପୁର ରେଳ ମଣ୍ଡଳ ଅନ୍ତର୍ଗତ ହାଓ୍ୱଡ଼ା-ମୁମ୍ବାଇ ମୁଖ୍ୟ ରେଳପଥର ବନ୍ଧମୁଣ୍ଡା ରେଳଖଣ୍ଡରେ ଜଙ୍ଗଲୀ ହାତୀପଲଙ୍କ ଯୋଗୁଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବନ୍ଧମୁଣ୍ଡା ଏ କ୍ୟାବିନ୍ ଓ ଡି କ୍ୟାବିନ୍ ମଧ୍ୟରେ ରବିବାର ରାତି ପ୍ରାୟ ୨ଟାରୁ ୨୪ଟି ଜଙ୍ଗଲୀ ହାତୀ ରେଳ ଧାରଣା ଉପରେ ଡେରା ପକାଇଛନ୍ତି। ସକାଳ ହେବା ପରେ ମଧ୍ୟ ହାତୀପଲ ରେଳ ଧାରଣା ଉପରେ ଘୂରି ବୁଲୁଥିବାରୁ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇପାରିନାହିଁ। ହାତୀପଲ ରେଳ ଧାରଣାରୁ ନ ହଟିବାରୁ ଚାରୋଟି ଯାତ୍ରୀବାହୀ ଟ୍ରେନ୍‌ର ଚଳାଚଳ ପ୍ରଭାବିତ ହୋଇଛି। ଯାହା ଫଳରେ ରେଳ ଯାତ୍ରୀମାନେ ଦୀର୍ଘ ସମୟ ଧରି ଟ୍ରେନ୍ ଭିତରେ ଅଟକି ରହି ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୩୩୫୨ ଧନବାଦ-ଏର୍ଣ୍ଣାକୁଲମ୍ ଆଲାପୁଝା ଏକ୍ସପ୍ରେସ୍ ରାତି ପ୍ରାୟ ୧ଟା ୪୫ରୁ ରାଉରକେଲା ଷ୍ଟେସନରେ ଅଟକି ରହିଛି। ସେହିପରି ୧୮୪୦୩ ଧନବାଦ ସ୍ପେଶାଲ୍ ଟ୍ରେନ୍ ସକାଳ ପ୍ରାୟ ୬ଟା ୧୫ରୁ ରାଉରକେଲାରେ ଅଟକିଛି। ୧୩୪୨୫ ସୁରତ-ମାଲଦା ଏକ୍ସପ୍ରେସ୍ ସକାଳ ୬ଟାରୁ ବାଙ୍ଗୁରକେଲା ଷ୍ଟେସନରେ ଏବଂ ୨୦୯୭୧ ଶାଲିମାର ସୁପରଫାଷ୍ଟ ଏକ୍ସପ୍ରେସ୍ ସକାଳ ୬ଟାରୁ କାଲୁଙ୍ଗା ଷ୍ଟେସନରେ ଅଟକି ରହିଛି। ଅନ୍ୟପକ୍ଷରେ, ହାତୀପଲଙ୍କୁ ସୁରକ୍ଷିତ ଭାବେ ରେଳ ଧାରଣାରୁ ହଟାଇବା ପାଇଁ ରାଉରକେଲା ବନ ବିଭାଗର ଟିମ୍ ଘଟଣାସ୍ଥଳରେ ଉଦ୍ୟମ ଜାରି ରଖିଛି। ରେଳବାଇର ବିଭାଗ ମଧ୍ୟ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି। ହାତୀମାନେ ରେଳ ଧାରଣା ଛାଡୁ ନଥିବାରୁ ରେଳ ଚଳାଚଳ ସ୍ୱାଭାବିକ କରିବା ରେଳବାଇ ପାଇଁ ଚ୍ୟାଲେଞ୍ଜ ହୋଇଛି। ସୂଚନାଯୋଗ୍ୟ, ଗତ ପ୍ରାୟ ପାଞ୍ଚ ମାସ ଧରି ଏହି ହାତୀପଲ ବାରମ୍ବାର ରେଳ ଅଞ୍ଚଳକୁ ଆସୁଥିବାରୁ ଟ୍ରେନ୍ ଚଳାଚଳ ସହ ଯାତ୍ରୀ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି।

## ହେମାମୁରାରେ ନାମ ସଂକୀର୍ତ୍ତନ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଅନ୍ତର୍ଗତ ହେମାମୁରା ଗ୍ରାମରେ ଶନିବାର ସନ୍ଧ୍ୟାରେ ଗର୍ଭଣା ସଂକ୍ରାନ୍ତିରେ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ସଂକ୍ରାନ୍ତି ଉପଲକ୍ଷେ ମାଁ ବିନ୍ଧବାସୀନି ସଂକୀର୍ତ୍ତନ ମଣ୍ଡଳୀ ହେମାମୁରା ପକ୍ଷରୁ ଏକ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଲୁହାପଙ୍କ , ଟାଲ, ଅଙ୍ଗାରପୋଡା,ଚାରବାଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ଏହି ନାମରେ ଅଂଶଗ୍ରହଣ କରିଥିଲେ। ପୂଜକ ଭାବରେ ଉମେଶ ଚନ୍ଦ୍ର ମିଶ୍ର ଏବଂ କର୍ତ୍ତା ଭାବରେ ରାଜେନ୍ଦ୍ର ବେହେରା ଓ ତାଙ୍କ ଧର୍ମ ପତ୍ନୀ ଦାୟିତ୍ୱ ନିର୍ବାହ କରିଥିଲେ। ନାମ ସଂକୀର୍ତ୍ତନ ଦେଖିବାକୁ ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ଶେଷରେ ଭକ୍ତମାନେ ପ୍ରଶାଦ ସେବନ କରି ଆଶିର୍ବାଦ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନେ ସକ୍ରିୟ ସହଯୋଗ କରିଥିଲେ।

## ଉତ୍ସବ ମୁଖରିତ ଦଶପଲ୍ଲା ସହର: ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ଗାଁରୁ ସହର



ଦଶପଲ୍ଲା, (ମହାଭାରତ):ପାର୍ବଣର ଆଗମନ ସହିତ ସମଗ୍ର ରାଜ୍ୟ ଚଳଚଞ୍ଚଳ ହୋଇଉଠିଥିବା ବେଳେ ଐତିହାସିକ ଦଶପଲ୍ଲା ସହର ଏବେ ସମ୍ପୂର୍ଣ୍ଣ ଉତ୍ସବ ମୁଖରିତ ହୋଇପଡ଼ିଛି। ଗାଁଠୁ ସହର ସବୁଠି ଉତ୍ସାହ ଓ ଉଦ୍ଦୀପନା ଲାଗିରହିଛି। ସହରର ପ୍ରମୁଖ ରାସ୍ତାଘାଟ ଓ ବଜାରକୁ ରଙ୍ଗବେରଙ୍ଗର ଆଲୋକମାଳା ତଥା ଆକର୍ଷଣୀୟ ତୋରଣରେ ସଜ୍ଜିତ କରାଯାଇଛି। ଘରେ ଘରେ ସଫାସୁତୁରା ଚାଲିଥିବା ବେଳେ ନୂତନ ଝୋଟି-ଚିତା ଏବଂ ସାଜସଜ୍ଜାରେ ଗାଁ-ଦାଣ୍ଡ ଶୋଭା ପାଉଛି। ପାର୍ବଣକୁ ନେଇ ସ୍ଥାନୀୟ ବଜାରରେ ବେଶ୍ ଭିଡ଼ ଜମିଛି। ନୂଆ ପୋଷାକ, ମିଠା, ଖେଳନା ଓ ପୂଜା ସାମଗ୍ରୀ ଦୋକାନଗୁଡ଼ିକରେ ଗ୍ରାହକଙ୍କ ଗହଳି ଯୋଗୁଁ ବ୍ୟବସାୟ ବେଶ୍ ସରଗରମ ରହିଛି। ବିଭିନ୍ନ ପୂଜା ପେଣ୍ଡାଲରେ ଆକର୍ଷଣୀୟ ଥିମ୍ ଏବଂ କାରୁକାର୍ଯ୍ୟପୂର୍ଣ୍ଣ ପ୍ରଜ୍ଞାପନ ମେଢ଼ ସାଙ୍ଗକୁ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇଛି। ଦଶହରା ଉପଲକ୍ଷେ ଆବାଳବୃଦ୍ଧବନିତା ସମସ୍ତଙ୍କ ମନରେ ଅପୂର୍ବ ଉଲ୍ଲାସ ଦେଖିବାକୁ ମିଳୁଛି, ଯାହା ଓଡ଼ିଶାର ଭାଇଚାରା ଓ ସାମୂହିକ ଏକତାର ନିଦର୍ଶନ ସାଜିଛି। ଚଳିତ ବର୍ଷ ଦଶପଲ୍ଲାର ପ୍ରମୁଖ ଦୁର୍ଗା ବଜାର ଏବଂ ଘରୋଇ ମୋଟର କର୍ମଚାରୀ ସଙ୍ଘ ପକ୍ଷରୁ ନିର୍ମିତ ଦୁର୍ଗା ମେଢ଼ ସ୍ୱତନ୍ତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଦିବ୍ୟ ରୂପ ଦର୍ଶନ ନିମନ୍ତେ ଭକ୍ତଙ୍କ ଲମ୍ବା ଧାଡ଼ି ପରିଲକ୍ଷିତ ହେଉଛି। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଦଶପଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ଓ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଢେଙ୍କାନାଳ ବନଖଣ୍ଡରେ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ମାମଲା

# ୩ ଅଭିଯୁକ୍ତଙ୍କୁ ବାନ୍ଧିଲା ଭିଜିଲାନ୍ସ



ଢେଙ୍କାନାଳ: ଢେଙ୍କାନାଳ ବନ ଖଣ୍ଡ କାର୍ଯ୍ୟାଳୟରେ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ହେରଫେର୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୁଜିତ କୁମାର ଜେନା, ରଶ୍ମିରଂଜନ ସ୍ୱାଇଁ ଓ ସୌମ୍ୟରଂଜନ ବେହେରା। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୨୦୧୬ ମସିହାରୁ ୨୦୨୬ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ କର୍ମଚାରୀଙ୍କର ୭ମ ବେତନ କମିସନ ଏରିୟର ଟଙ୍କା, ପେନସନ ଏବଂ ଅନ୍ୟାନ ବେନିଫିଟ୍ ବାବଦରେ ଆସିଥିବା ସକରାରୀ ଅର୍ଥରୁ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହିସାବ ମିଳୁନାହିଁ। ଦାୟିତ୍ୱରେ ଥିବା ବିଭାଗୀୟ ସିନିୟର ଆସିଷ୍ଟାଂଟ (ବରିଷ୍ଠ କିରାଣୀ)ସୁଜିତ କୁମାର ଜେନା ଏହି ଟଙ୍କାକୁ ୪ଟି ଆକାଉଂଟ ମାଧ୍ୟମରେ ହରିଲୁଟ୍ କରିଥିବା ଜଣାଯାଇଥିଲା। ନିକଟରେ ଏଜି ପକ୍ଷରୁ କରାଯାଇଥିବା ତଦନ୍ତରେ ଏହି ଘଟଣା ପଦାକୁ ଆସିଥିଲା। ଏହାକୁ ନେଇ କାର୍ଯ୍ୟାଳୟର କର୍ମଚାରୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଘଟଣା ଜଣାପଡିବା ପରଠାରୁ ସଂପୃକ୍ତ ବରିଷ୍ଠ କିରାଣୀ ଶ୍ରୀ ଜେନା ଆଉ ଧରାଛୁଆଁ ଦେଉନଥିଲେ । ଦୀର୍ଘଦିନ ଧରି ସେ କାହାକୁ ନଜଣାଇ ବା ଛୁଟି ନନେଇ କାର୍ଯ୍ୟାଳୟକୁ ଆସୁ ନଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଥିଲା । ଜିଲ୍ଲା ବନଖଣ୍ଡ ଅଧିକାରୀ ସରକାରୀ ଟଙ୍କା ହରିଲୁଟ୍ ସଂପର୍କରେ ଅବଗତ ହେବା ପରେ ଘଟଣା ସଂପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଜିଲ୍ଲା ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଘଟଣା ସଂପର୍କରେ କୁହନ୍ତି ଯେ, ଏଜିର ଏକ ଟିମ୍ ଆସି ତଦନ୍ତ କରିବା ପରେ ପ୍ରାଥମିକଭାବେ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହିସାବ ପାଇନାହାଁନ୍ତି । ଏ ସଂପର୍କରେ ଅବଗତ ହେବା ପରେ ବିଭାଗୀୟ ତଦନ୍ତ କରାଯାଇ ଦାୟିତ୍ୱରେ ଥିବା ବରିଷ୍ଠ କିରାଣୀ ସୁଜିତ୍ କୁମାର ଜେନା ଏହି ଟଙ୍କା ବେନିୟମଭାବେ ଆତ୍ମସାତ କରିଥିବା ଜଣାପଡିଛି । ସେହିଦିନ ଠାରୁ ସେ କୌଣସି ସୂଚନା ନଦେଇ କିମ୍ବା କୌଣସି କାରଣ ନ ଦର୍ଶାଇ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଛନ୍ତି । ଏ ସଂପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତଭାବେ ଅବଗତ କରାଯାଇଛି । ସେଠାରୁ ନିର୍ଦ୍ଦେଶ ମିଳିବା ପରେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ଉଦଯାପିତ



ପାରାଦୀପ(ମହାଭାରତ):ଗତ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ପାରାଦୀପ ର ଅଗ୍ରଣୀ ମହିଳା ସଂଗଠନ କଳିଙ୍ଗ ମହିଳା ଶକ୍ତି ତରଫରୁ ସପ୍ତାହ ବ୍ୟାପି ମଦ ବିରୋଧୀ କାର୍ଯ୍ୟକ୍ରମ ଚାଲି ଥିବା ବେଳେ ବିଭିନ୍ନ ସ୍କୁଲର ପିଲା ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ବଡପଡିଆ ମାର୍କେଟ୍ ସମ୍ମୁଖରେ କଳିଙ୍ଗ ମହିଳା ଶକ୍ତି ସଭାନେତ୍ରୀ ମନୋରମା ଖଟୁଆ ଙ୍କ ସଭପତିତ୍ୱରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ସ୍କୁଲର ପିଲା ମାନଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।( ନିଶା ବିରୋଧୀ ନେତ୍ରୀ ଲକ୍ଷ୍ମୀ ମହାନ୍ତି , ପୂର୍ବତନ ଶିକ୍ଷକ ବାବୁରାମ ଚୌଧୁରୀ ,ପୁର୍ବତନ ଶ୍ରମିକ ନେତା ବିଷ୍ଣୁ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାର ସରପଞ୍ଚ ଚାମେଲି ଓଝା , କଳିଙ୍ଗ ମହିଳା ଶକ୍ତିର ଉପଦେଷ୍ଟା ରବିନ୍ଦ୍ର କୁମାର ମଲ୍ଲିକ , ଉପଦେଷ୍ଟା ବିଜୟ ପରିଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିବା ବେଳେ କଳିଙ୍ଗ ମହିଳା ଶକ୍ତିର ସମସ୍ତ ମହିଳା ଓ ସଦସ୍ୟ ମାନେ ଯୋଗ ଦେଇ ଥିବା ଦେଖିବାକୁ ମିଳିଥିଲା ।

### କାଇ ଚଟଣିକୁ ମିଳିଲା ଜିଆଇ ମାନ୍ୟତା

# ଡାଟାବେସ୍ ଅଭାବ ଯୋଗୁ ଝୁଲିରହିଛି 'ମୁଢ଼ି'



ବାରିପଦା: କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ମୟୂରଭଞ୍ଜର କାଇଚଟଣିକୁ ଭୌଗୋଳିକ ପରିଚୟ ସ୍ୱୀକୃତି(ଜିଆଇ ଟ୍ୟାଗ୍) ମିଳିଛି। ଖାଦ୍ୟ ଉପଯୋଗୀ ସହ ଔଷଧୀୟ ଗୁଣ ଥିବାରୁ ଏହାକୁ ମାନ୍ୟତା ପ୍ରଦାନ କରାଯାଇଛି। ଓୟୁଏଟିର ନିର୍ଦ୍ଦେଶକ୍ରମେ ବାରିପଦାସ୍ଥ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ କାଇଚଟଣିକୁ ନେଇ ଡାଟାବେସ୍ ପ୍ରସ୍ତୁତ କରିଥିଲେ। ଏହାପରେ ଜିଲ୍ଲା ପ୍ରଶାସନ ଜିଆଇ ଟ୍ୟାଗ୍ ପାଇଁ ସୁପାରିସ କରିଥିଲା। କାଇଚଟଣିକୁ ଜିଆଇ ଟ୍ୟାଗ୍ ମିଳିବାର ଅଢ଼େଇବର୍ଷ ହେଲାଣି। ତେବେ ଏହାର ପ୍ରଚାରପ୍ରସାର ହେଉନାହିଁ। ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି ଉଦ୍ୟମ କରୁନଥିବା କୁହାଯାଉଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର 'ମୁଢ଼ି' ଜିଆଇ ଟ୍ୟାଗ୍ ମାନ୍ୟତା ପାଇବାକୁ ହକ୍‌ଦାର ହୋଇଥିଲେ ମଧ୍ୟ ପଛରେ ପଡ଼ିଯାଇଛି। ଜିଲ୍ଲାବାସୀଙ୍କ ଅନ୍ୟତମ ମୁଖ୍ୟଖାଦ୍ୟ ମୁଢ଼ି ଆଉ ମୟୂରଭଞ୍ଜରେ ସୀମିତ ନହୋଇ ଦେଶବିଦେଶରେ ମଧ୍ୟ ପହଞ୍ଚିଲାଣି। ବାରିପଦାର ମୁଢ଼ିମାଂସର ସ୍ୱାଦ ନିଆରା। ଚା' ଦୋକାନରୁ ଆରମ୍ଭକରି ବଡ଼ବଡ଼ ହୋଟେଲରେ ମୁଢ଼ି ଉପଲବ୍ଧ। ଦାବି ସପକ୍ଷରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା ମତ ରଖିଛନ୍ତି। ମୁଢ଼ିକୁ ଜିଆଇ ମାନ୍ୟତା ମିଳିଲେ ଏହାର ବ୍ୟବସାୟ କରୁଥିବା ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବାରିପଦାସ୍ଥ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କୁ କାଇ ସହ ମୁଢ଼ି ଉପରେ ମଧ୍ୟ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ କୁହାଯାଇଥିଲା। ହେଲେ ତାହା ପ୍ରସ୍ତୁତ ହୋଇ ନ ପାରିବାରୁ ମୁଢ଼ିକୁ ଜିଆଇ ମାନ୍ୟତା ପାଇଁ ଜିଲ୍ଲା ପ୍ରଶାସନ ସୁପାରିସ କରିପାରୁନାହିଁ। 'ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ମୁଢ଼ିକୁ ଜିଆଇ ମାନ୍ୟତା ପାଇଁ ସୁପାରିସ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି। ସୂଚନାଯୋଗ୍ୟ, ମୟୂରଭଞ୍ଜରେ ୬୦୦ ଖ୍ରୀଷ୍ଟାବ୍ଦରୁ କାଇପିମ୍ପୁଡ଼ିର ବ୍ୟବହାର ହୋଇଆସୁଛି। କାଇପିମ୍ପୁଡ଼ି ବଡ଼ବଡ଼ ଶାଳ, କୁସୁମ, ମହୁଲ, ଜାମୁ, ଆମ୍ବ ଆଦି ଗଛରେ ବସାବାନ୍ଧି ରହିଥାନ୍ତି। ଲୋକମାନେ ଗଛଚଢ଼ି, ବସାଭାଙ୍ଗି କାଇ ସଂଗ୍ରହ କରନ୍ତି। କାଇକୁ କାଶ, ଥଣ୍ଡାଜ୍ୱର ପାଇଁ ଔଷଧ ଭାବେ ବ୍ୟବହାର କରାଯାଏ। ସେହିପରି ଅଦା, ରସୁଣ, ଲଙ୍କା, ଧଣିଆପତ୍ର ସହ ମିଶାଇ ଚଟଣି କରାଯାଏ। ଯାହାକୁ ଜନଜାତି ସମ୍ପ୍ରଦାୟର ଲୋକମାନେ ଭାତ ସହ ଖାଇଥାନ୍ତି।

# ଫ୍ରାନ୍ସରେ ହିଂସାତ୍ମକ ବିକ୍ଷୋଭ

## – ୧୪୩ ବର୍ଷ ପୁରୁଣା ଟାଉନ ହଲ୍ ଜଳି ପାଉଁଶ
## – ୮ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଲେ



୧୪୩ ବର୍ଷ ପୁରୁଣା କୋଠାଟି, ଯାହା ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ସୁରକ୍ଷିତ ରହିପାରିଥିଲା, ତାହା ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଥିବା ହିଂସାତ୍ମକ ସଂଘର୍ଷକୁ ସହ୍ୟ କରିପାରିଲା ନାହିଁ। ଏଏଫପି ରିପୋର୍ଟ ଅନୁଯାୟୀ, ଲିମୋଗେସର ଏହି ଟାଉନ ହଲଟି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ଐତିହାସିକ ସ୍ଥାନର ନଷ୍ଟ ହେବାକୁ ଦେଶର ସାଂସ୍କୃତିକ ଐତିହ୍ୟ ପାଇଁ ଏକ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଛି।

**ପ୍ୟାରିସ,୧୮।୧୦:** ବର୍ତ୍ତମାନ ଫ୍ରାନ୍ସରେ ଜୀବନଧାରଣର ବ୍ୟୟ ବୃଦ୍ଧିକୁ ନେଇ ଉଦବେଗ ଯୋଗୁ ରାସ୍ତାଘାଟରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ ଦେଖିବାକୁ ମିଳୁଛି। ପ୍ୟାରିସ ଏବଂ ଅନ୍ୟାନ୍ୟ ସ୍ଥାନରେ ଚାଲିଥିବା ଏହି ବିକ୍ଷୋଭ ମଧ୍ୟରେ, ଲିମୋଗେସ ସହରର ଏକ ଐତିହାସିକ 'ଟାଉନ ହଲ' (ନଗର ଭବନ) ଏକ ଭୟଙ୍କର ଅଗ୍ନିକାଣ୍ଡରେ ଜଳିଯାଇ ଭୁଷୁଡ଼ି ପଡ଼ିଛି। ୧୮୭୩ ମସିହାରେ ନିର୍ମିତ ଏବଂ ୧୮୮୩ ମସିହାରେ ଉଦଘାଟିତ ହୋଇଥିବା ଏହି ବିକ୍ଷୋଭକାରୀମାନେ ଏହି କୋଠାକୁ ଟାର୍ଗେଟ କରିଥିବାରୁ ଏହାର ତୀବ୍ର ନିନ୍ଦା କରାଯାଇଛି। ବିକ୍ଷୋଭକାରୀମାନେ ପ୍ରଥମେ ଟାଉନ ହଲ ବାହାରେ ଥିବା ଏକ ପୋଲିସ ଗାଡ଼ିକୁ ଟାର୍ଗେଟ କରିଥିଲେ; ସେମାନେ ଗାଡ଼ିଟିରେ ନିଆଁ ଲଗାଇ ଦେଇଥିଲେ ଏବଂ ଏହାର କାଚଗୁଡ଼ିକୁ ଭାଙ୍ଗି ଦେଇଥିଲେ। ଏହା ପରେ ସେମାନେ କୋଠା ଭିତରେ ପଶି ସେଠାରେ ମଧ୍ୟ ନିଆଁ ଲଗାଇ ଦେଇଥିଲେ। ବର୍ତ୍ତମାନ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଛି। ଫ୍ରାନ୍ସର ଗୃହ ମନ୍ତ୍ରଣାଳୟ କହିଛି ଯେ ଶନିବାର ପ୍ରାୟ ୫୫୦,୦୦୦ ଲୋକ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ, ଯେତେବେଳେ ଜିଜିଟି ୟୁନିଅନ ଦାବି କରିଛି ଯେ ୮୦୦,୦୦୦ ପ୍ରଦର୍ଶନକାରୀ ଅଂଶଗ୍ରହଣ କରିଥିଲେ। ବିବିସି ରିପୋର୍ଟ ଅନୁଯାୟୀ, ପ୍ରାୟ ୧,୨୦୦ ଲୋକଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଫରାସୀ ସହରରେ ପୋଡ଼ାଜଳା, ଲୁଟପାଟ ଏବଂ ଭଙ୍ଗାରୁଜା ଘଟଣା ଘଟିଛି।

ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ପୋଲିସ ମୁଖାପିନ୍ଧା ପ୍ରତିବାଦକାରୀଙ୍କ ବିରୁଦ୍ଧରେ ଲୁହବୁହା ଗ୍ୟାସ ଏବଂ ପାଣି ତୋପ ନିୟୋଜିତ କରିଥିଲା। ରାଜଧାନୀରେ, ପ୍ରଦର୍ଶନକାରୀମାନେ ଯାନବାହାନ ଜାଳି ଦେଇଥିଲେ। ଲିଓନ ସହରରେ, ପ୍ରଦର୍ଶନକାରୀମାନେ ଏକ ପର୍ଯ୍ୟଟନ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିଲେ। ମାର୍ସିଲି ଏବଂ ଲିଲିରେ, ସେମାନେ ଟାଉନ ହଲ ଭିତରେ ପଶି ଭଙ୍ଗାରୁଜା କରିଥିଲେ, ଏବଂ ବୋର୍ଡୋରେ, ସେମାନେ ଏକ ପୋଲିସ ପ୍ରତିଷ୍ଠାନରେ ପ୍ରବେଶ କରି କ୍ଷତି କରିଥିଲେ। ପ୍ୟାରିସର ଡେପୁଟି ମେୟର ଇମାନୁଏଲ ଗ୍ରେଗୋଇର କହିଛନ୍ତି ଯେ ରାଜଧାନୀର ସମଗ୍ର ରାସ୍ତା ଧ୍ୱଂସ ହୋଇଯାଇଛି। ରାଷ୍ଟ୍ରପତି ଘୋଷଣା କରିଛନ୍ତି ଯେ ଏପରି ଅଶାନ୍ତି ପାଇଁ ଦାୟୀ ଲୋକଙ୍କୁ ଦଣ୍ଡିତ କରାଯିବ।

## କୋଲକାତା ଦୁର୍ଗାପୂଜା ପେଣ୍ଡାଲରେ ଦଳାଚକଟା

# ୧୯ ଜଣଙ୍କ ମୃତ୍ୟୁ ଘଟଣାରେ ୭ ଗିରଫ

**ନୂଆଦିଲ୍ଲୀ,୧୮।୧୦:** କୋଲକାତାରେ ଶନିବାର ଚୋରବାଗାନ ସାର୍ବଜନୀନ ଦୁର୍ଗାପୂଜା ପେଣ୍ଡାଲରେ ଦଳଚକଟାରେ ୧୯ ଜଣଙ୍କ ମୃତ୍ୟୁ ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଉଛନ୍ତି, ଚୋରବାଗାନ ଦୁର୍ଗା ପୂଜା କମିଟି ସଂପାଦକ ରାଜ କୁମାର ସେଓ୍ୱଦା, ଉପ-ସଭାପତି ଶାନ୍ତନୁ ଦୁବେ, ବାଉଁଶର ଢାଞ୍ଚା ନିର୍ମାଣ କରିଥିବା ବିପ୍ଳବ ମୁଖାର୍ଜୀ, ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ଥିବା କୌଶିକ ସାହା ଓ ପିଣ୍ଟୁ ଦୁବେ ଏବଂ ଘରୋଇ ସୁରକ୍ଷା କର୍ମଚାରୀ ସୁମନ ଚକ୍ରବର୍ତ୍ତୀ ଓ ରାଜେଶ ପଲ। ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି ଯେ ଲାଉଡ୍‌ସ୍ପୀକରରେ କରାଯାଇଥିବା ଏକ ଘୋଷଣା ଯୋଗୁ ଏହି ଦଳାଚକଟା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଆମକୁ ଏକ ଭିଡିଓ ଫୁଟେଜ୍ ମିଳିଛି। ସେଥିରେ 'ପେଣ୍ଡାଲ ଭୁଶୁଡ଼ି ଯିବ, ସମସ୍ତେ ପେଣ୍ଡାଲ ଛାଡ଼ି ଦିଅନ୍ତୁ' ବୋଲି ଘୋଷଣା କରାଯାଇଥିବା ଶୁଣିବାକୁ ମିଳିଛି। ଏହି ଘୋଷଣା କରିଥିବା ବ୍ୟକ୍ତିଙ୍କୁ ଆମେ ଚିହ୍ନଟ କରିବାକୁ ଉଦ୍ୟମ କରୁଛୁ। ସେ କାହିଁକି ଏଭଳି ଘୋଷଣା କଲେ, ତାହା ମଧ୍ୟ ଆମେ ଜାଣିବା ପାଇଁ ପ୍ରୟାସ କରୁଛୁ। ସ୍ଥାନୀୟ ଲୋକେ ତଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଭିଡ଼ ନିୟନ୍ତ୍ରଣ ପାଇଁ ଉଚିତ



ବ୍ୟବସ୍ଥା କରାଯାଇନଥିବାରୁ ଏମିତି ଏକ ଘଟଣା ଘଟିଲା। ସେହି ବରିଷ୍ଠ ପୁଲିସ ଅଧିକାରୀ ଜଣଙ୍କ ଆହୁରି କହିଛନ୍ତି ଯେ ଭିଡ଼ ନିୟନ୍ତ୍ରଣ ପାଇଁ ଆୟୋଜକମାନେ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରି ନଥିଲେ। ସେମାନେ ଉଚିତ ବ୍ୟବସ୍ଥା କରି ନଥିଲେ। ଏନେଇ ଆମ ପାଖରେ ଯଥେଷ୍ଟ ପ୍ରମାଣ ରହିଛି। ଆମେ ସିସିଟିଭି କ୍ୟାମେରା ଫୁଟେଜ ଓ ସ୍ଥାନୀୟ ଲୋକେ ସେମାନଙ୍କ ମୋବାଇଲ ଫୋନ୍‌ରେ ରେକର୍ଡ କରିଥିବା ଭିଡିଓ ଆଦି ସଂଗ୍ରହ କରିଛୁ। ଯଥେଷ୍ଟ ସଂଖ୍ୟାରେ ସୁରକ୍ଷା କର୍ମଚାରୀ ମଧ୍ୟ ନିୟୋଜିତ ହୋଇ ନଥିଲେ। ଆୟୋଜକମାନେ ସଠିକ୍ ଢଙ୍ଗରେ ପରିଚାଳନା କରି ନପାରିବାରୁ ଦଳଚକଟା ସମୟରେ ଲୋକେ ପ୍ରବେଶ ଦ୍ୱାର ଦେଇ ବାହାରି ଯିବାକୁ ପ୍ରୟାସ କରିଥିଲେ। ସେହିଭଳି ଉଭୟ ଗେଟ୍ ଓ ଆପ୍ରୋଚ୍ ରୋଡ୍ ଖୁବ୍ ସଂକୀର୍ଣ୍ଣ ଥିଲା। ତେଣୁ ଏହି ଘଟଣା ଘଟିଲା। ଏହି ଦଳଚକଟାରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରେ ୧୩ ଜଣ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ୨୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି।

# ଅଯୋଧ୍ୟାରେ ନିର୍ମାଣ ହେବ ରାମ ମନ୍ଦିର ସଂଗ୍ରହାଳୟ



## ଖର୍ଚ୍ଚ ହେବ ୯୦ କୋଟି

ଶ୍ରୀରାମଙ୍କ ଜୀବନୀ, ରାମାୟଣର ବିଭିନ୍ନ ପ୍ରସଙ୍ଗ ଏବଂ ରାମ ମନ୍ଦିରର ଇତିହାସ ସମ୍ପର୍କିତ ବିଷୟବସ୍ତୁ ପ୍ରଦର୍ଶିତ ହେବ। ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ସଂଗ୍ରହାଳୟର ନିର୍ମାଣସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି।

**ଅଯୋଧ୍ୟା,୧୮।୧୦:** ଅଯୋଧ୍ୟାସ୍ଥିତ ଶ୍ରୀରାମ ଜନ୍ମଭୂମି ପରିସରରେ ଏକ ଭବ୍ୟ 'ରାମ ମନ୍ଦିର ସଂଗ୍ରହାଳୟ' ନିର୍ମାଣ କରାଯାଉଛି। 'ଆନ୍ତର୍ଜାତୀୟ ରାମ କଥା ସଂଗ୍ରହାଳୟ'ର ଅଂଶବିଶେଷ ଭାବେ ନିର୍ମିତ ହେଉଥିବା ଏହି ସଂଗ୍ରହାଳୟ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସଂଗ୍ରହାଳୟର ୨୦ଟି ଗ୍ୟାଲେରୀର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଠାରେ ରାମଲଲାଙ୍କ ବଂଶାବଳୀ, ପ୍ରଭୁ ଏହି ସଂଗ୍ରହାଳୟର ଏକ ପ୍ରମୁଖ ଆକର୍ଷଣ ହେବ ରାମ ଜନ୍ମଭୂମି ସ୍ଥଳ ସହ ଜଡ଼ିତ ପ୍ରାୟ ୫୦୦ ବର୍ଷର ଆଇନଗତ ଇତିହାସ। ଏଥିରେ ରାମ ଜନ୍ମଭୂମି ମାମଲା ସମ୍ପର୍କିତ ଐତିହାସିକ ତଥ୍ୟ, ଅଦାଲତରେ ଉପସ୍ଥାପିତ ପ୍ରମାଣ ଏବଂ ଖନନ ସମୟରେ ମିଳିଥିବା ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ ପ୍ରଦର୍ଶନ କରାଯିବ। ଏହାଦ୍ୱାରା ଦର୍ଶକମାନେ ରାମ ଜନ୍ମଭୂମି ସ୍ଥଳର ଐତିହାସିକ ଓ ଆଇନଗତ ପୃଷ୍ଠଭୂମି ସମ୍ପର୍କରେ ଅବଗତ ହୋଇପାରିବେ।

## ଭୟଙ୍କର ଟ୍ରକ ଦୁର୍ଘଟଣା

# ଚାଲିଗଲା ୧୨ ଶ୍ରଦ୍ଧାଳୁଙ୍କ ଜୀବନ

**ନୂଆଦିଲ୍ଲୀ,୧୮।୧୦:** କୋଲକାତା ଦୁର୍ଗାପୂଜା ମଣ୍ଡପ ଦଳାଚକଟା ଭିତରେ ଆଉ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ମଧ୍ୟପ୍ରଦେଶ ଗ୍ୱାଲିୟରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୧୨ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ୨୯ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଆଜି ଭୋରୁ ଶୀତଳା ମା ମନ୍ଦିର ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ମନ୍ଦିର ନିକଟରେ ଶ୍ରଦ୍ଧାଳୁ ଏକାଠି ହୋଇଥିବା ବେଳେ କଣ୍ଟ୍ରୋଲ ହରାଇ ଲୋକଙ୍କ ଉପରେ ମାଡ଼ିଗଲା ଟ୍ରକ୍ । ପୋଲିସ ଚେକ୍ ପଏଣ୍ଟକୁ ଭାଙ୍ଗି ଶ୍ରଦ୍ଧାଳୁଙ୍କ ଉପରେ ଟ୍ରକଟି ଚଢିଗଲା । ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ଭିତରେ ପୁଲିସ୍ କର୍ମୀ ଥିବା ସୂଚନା ମିଳିଛି । ସେମାନେ ଦୁର୍ଘଟଣା ସମୟରେ ଡ୍ୟୁଟିରେ ଥିଲେ । ବ୍ୟାରିକେଟ୍ ଭାଙ୍ଗି ଚଢିଗଲା ଟ୍ରକ- ଏସଏସବି ଧର୍ମବୀର ସିଂହ କହିଛନ୍ତି, ଚିନୋରରୁ ମନ୍ଦିରକୁ ଯାଉଥିବା ରାସ୍ତା ଭଲ ନାହିଁ । ଏହି ମାର୍ଗରେ ଯାନବାହାନ ଚଳାଚଳ ନିଷେଧ କରାଯାଇଛି । ଶନିବାର ବିଳମ୍ବିତ ରାତିରେ ଏକ ଧାନ ଭର୍ତ୍ତି



ଟ୍ରକ୍ ସେଠାରେ ଅଟକି ଯାଇଥିଲା । ଟ୍ରକଟି ପୁଲିସ୍ ବ୍ୟାରିକେଟ୍ ଭାଙ୍ଗି ହଠାତ୍ ନିୟନ୍ତ୍ରଣ ହରାଇଥିଲା । ଏହା ପରେ ମନ୍ଦିର ବାହାର କାନ୍ଥ ଏବଂ ଫାଟକ ସହିତ ଧକ୍କା ହୋଇଥିଲା । ରାସ୍ତାରେ ଥିବା ଶ୍ରଦ୍ଧାଳୁମାନେ ଟ୍ରକ୍ ତଳେ ଚାପି ହୋଇଯାଇଥିଲେ । ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି । ୨୯ରୁ ଅଧିକ ଜଣ ଆହତ ହୋଇଛନ୍ତି । ସେମାନଙ୍କ ଚିକିତ୍ସା ଚାଲିଛି । ଦୁର୍ଘଟଣାରେ ଡ୍ୟୁଟିରେ ଥିବା ପୁଲିସ୍ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ଟ୍ରକର ଟେକ୍ନିକାଲ ଯାଞ୍ଚ କରିବ ଆରଟିଓ- ଗ୍ୱାଲିୟର ଜିଲ୍ଲାପାଳ କହିଛନ୍ତି ଯେ, ନବରାତ୍ରୀ ସମୟରେ ରାସ୍ତାରେ ବ୍ୟାରିକେଟ୍ ଲଗାଯାଇଥିଲା । ପୁଲିସ୍ ଚେକ୍ ପଏଣ୍ଟ ଥିଲା । ଏଭଳି ପରିସ୍ଥିତିରେ ଟ୍ରକଟି ବ୍ୟାରିକେଟ୍ ଭାଙ୍ଗି ମନ୍ଦିର ରାସ୍ତାରେ କିପରି ପହଞ୍ଚିଲା ତାହାର ତଦନ୍ତ କରାଯିବ । ଟ୍ରକର ବୈଷୟିକ ତଦନ୍ତ ପାଇଁ ଆରଟିଓ ଏକ ଟିମ୍ ପଠାଇଛି । ଗାଡିରେ କୌଣସି ତ୍ରୁଟି ଅଛି କି ନାହିଁ ଏବଂ ବାମକୁ ବୁଲିବା ସମୟରେ ଟ୍ରକଟି କିପରି ନିୟନ୍ତ୍ରଣ ବାହାରକୁ ଚାଲିଗଲା ତାହାର ତଦନ୍ତ ହେବ । ପ୍ରଶାସନ ଦୁର୍ଘଟଣାର କାରଣ ଏବଂ ସୁରକ୍ଷା ବ୍ୟବସ୍ଥା ସହ ଜଡ଼ିତ ଦିଗଗୁଡ଼ିକୁ ତଦନ୍ତ କରିବ ।

## ଭୟଙ୍କର ସଡ଼କ ଦୁର୍ଘଟଣା

# ଗୋଟିଏ ପରିବାରର ୫ ମୃତ

**ମୁମ୍ବାଇ,୧୮।୧୦:** ମହାରାଷ୍ଟ୍ରର ବୀଡ ଜିଲ୍ଲାର ମାଜଲଗାଓ ତାଲୁକାରେ ଖାମଗାଓ-ପଢ଼ରପୁର ଜାତୀୟ ରାଜପଥର ଶିନ୍ଦେଓ୍ୱାଡି ଫାଟା ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ତୁଳଜାପୁର ଦର୍ଶନ ପାଇଁ



ଯାଉଥିବା ମାଜଲଗାଓର ଏକ ପରିବାରର ଗାଡ଼ି ଅବିନାଶ ଦାଦା ବସୋଡେ ପେଟ୍ରୋଲ ପମ୍ପ ସାମ୍ନାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣା ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଲୋକେ ପ୍ରାରମ୍ଭିକ ସୂଚନା ଦେଇଛନ୍ତି ଯେ, ଦୁର୍ଘଟଣାରେ ଗଜାନନ ନାମଦାସ ସମେତ ୫ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଅନ୍ୟପଟରେ ଦୁର୍ଘଟଣାର କାରଣ, ମୃତକଙ୍କ ସଂଖ୍ୟା ଏବଂ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ସଂପର୍କରେ ସୂଚନା ମିଳିପାରି ନାହିଁ। ଦୁର୍ଘଟଣା ସଂପର୍କରେ ସୂଚନା ମିଳିବା ପରେ ପୁଲିସ ପହଞ୍ଚିଛି। ଏହି ଦୁର୍ଘଟଣା ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପୁଲିସ ମାମଲାର ତଦନ୍ତ କରୁଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ଖାମଗାଓ-ପଢ଼ରପୁର ଜାତୀୟ ରାଜପଥର ମାଜଲଗାଓ-ତେଲଗାଓ-ଧାରୁର ରାସ୍ତାର ନିର୍ମାଣ କାର୍ଯ୍ୟ ନିମ୍ନମାନର ଯୋଗୁଁ ପୂର୍ବରୁ ମଧ୍ୟ ଏଠାରେ ଦୁର୍ଘଟଣା ଘଟିଛି।

## ଁ ସିଜେପି ବିକ୍ଷୋଭରେ ହିନ୍ଦୁ ବିରୋଧୀ ନାରା

# ୩୦୦ ଜଣଙ୍କ ନାଁରେ ମାମଲା ରୁଜୁ

**ନୂଆଦିଲ୍ଲୀ,୧୮।୧୦:** ଗୋଆରେ କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ବିକ୍ଷୋଭକୁ ନେଇ ବଢ଼ିଲା ବିବାଦ। ରାଜଧାନୀ ପଣଜୀରେ ଅକ୍ଟୋବର ୧୧ ତାରିଖରେ ଆୟୋଜିତ ବିକ୍ଷୋଭ ସମୟରେ ଆପତ୍ତିଜନକ ନାରାବାଜି ଅଭିଯୋଗରେ ପୋଲିସ ପ୍ରାୟ ୩୦୦ ଜଣ ଅଜ୍ଞାତ ପ୍ରଦର୍ଶନକାରୀଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରିଛି। ବିକ୍ଷୋଭ ସମୟରେ 'ହିନ୍ଦୁତ୍ୱ ମୁର୍ଦ୍ଦାବାଦ' ନାରା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ସହ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ କରିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ କରାଯାଇଛି। ପଣଜୀ ପୋଲିସ ଇନ୍‌ସପେକ୍ଟର ବିଜୟକୁମାର ଚୋଡନକରଙ୍କ ସୂଚନା ଅନୁସାରେ, ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୯୬ ଓ ୨୯୯ ଅନୁଯାୟୀ ମାମଲା ରୁଜୁ ହୋଇଛି। ଧାରା ୧୯୬ ଧର୍ମ ଆଧାରରେ ବିଭିନ୍ନ ଗୋଷ୍ଠୀ



ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ସହ ଜଡ଼ିତ। ସେହିପରି ଧାରା ୨୯୯ ଜାଣିଶୁଣି ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ସମ୍ପର୍କିତ। ଏହି ମାମଲାରେ ତାଲେଗାଓଁର ବାସିନ୍ଦା ରାମପ୍ରସାଦ କେଲକର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବିକ୍ଷୋଭର ଏକ ଭିଡିଓ ଦେଖି ସେ ଅଭିଯୋଗ ଦାଖଲ କରିଥିବା କହିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ପ୍ରଦର୍ଶନକାରୀମାନେ ଧାର୍ମିକ ସଦ୍‌ଭାବ ବିଗାଡ଼ିବା ଭଳି ନାରା ଦେଇଥିଲେ। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା। ମତଦାତା ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର ପ୍ରକ୍ରିୟାରେ ଅନିୟମିତତା ଏବଂ ଭୋଟରଙ୍କ ନାମ ବାଦ୍ ଦିଆଯିବା ଅଭିଯୋଗ ଉଠାଇଥିଲେ ପ୍ରଦର୍ଶନକାରୀ।

# ଖାଦ୍ୟ ସାମଗ୍ରୀ ପରିବହନକୁ ନେଇ ଆକ୍ସନ ମୋଡ୍‌ରେ ଏଫଏସଏସ୍ଏଆଇ

**ନୂଆଦିଲ୍ଲୀ,୧୮।୧୦:** ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଖାଦ୍ୟ ସୁରକ୍ଷା ନିୟାମକ ଏଫଏସ୍ଏସ୍ଏଆଇ ପକ୍ଷରୁ ଜାରି ହୋଇଛି କଡ଼ା ନିର୍ଦ୍ଦେଶ । ଖୋଆ, ପନିର, ମାଂସ ଓ ମାଛ ଭଳି ଶୀଘ୍ର ନଷ୍ଟ ହେଉଥିବା ଖାଦ୍ୟ ସାମଗ୍ରୀର ପରିବହନ, ସଂରକ୍ଷଣ ଓ ରଖିବା ସମୟରେ ନିର୍ଦ୍ଦିଷ୍ଟ ତାପମାତ୍ରା ବଜାୟ ରଖିବାକୁ ଖାଦ୍ୟ ବ୍ୟବସାୟୀଙ୍କୁ କୁହାଯାଇଛି । ଏହି ନିୟମର ଉଲ୍ଲଂଘନ ହେଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ରାଜ୍ୟଗୁଡ଼ିକର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ମଧ୍ୟ ଏହି ନିୟମ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛି। ସମସ୍ତ ଖାଦ୍ୟ ବ୍ୟବସାୟୀ ଯେପରି ନିୟମ ପାଳନ କରନ୍ତି, ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି । ଏଫଏସ୍ଏସ୍ଏଆଇ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ କହିଛି ଯେ, ସମଗ୍ର ଯୋଗାଣ ଶୃଙ୍ଖଳରେ ଖୋଆ, ପନିର, ମାଂସ ଓ ମାଛ ଭଳି ଶୀଘ୍ର ନଷ୍ଟ ହେଉଥିବା ଖାଦ୍ୟ ପଦାର୍ଥର ଉପଯୁକ୍ତ ରକ୍ଷଣାବେକ୍ଷଣ, ସଂରକ୍ଷଣ ଓ ନିୟନ୍ତ୍ରିତ ତାପମାତ୍ରାରେ ପରିବହନ ନିଶ୍ଚିତ କରିବା ଜରୁରୀ । ଏହି ଖାଦ୍ୟ ସାମଗ୍ରୀଗୁଡ଼ିକୁ ଉପଯୁକ୍ତ ତାପମାତ୍ରାରେ ରଖା ନଗଲେ ସେଥିରେ ଜୀବାଣୁ ବୃଦ୍ଧି ପାଇବା ସହ ଖାଦ୍ୟ ନଷ୍ଟ ହେବାର ଆଶଙ୍କା ବଢ଼ିଯାଏ। ଏହା ଖାଦ୍ୟ ସୁରକ୍ଷା ଓ ଜନସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ । ଏଫଏସ୍ଏସ୍ଏଆଇ ପକ୍ଷରୁ ଖାଦ୍ୟ ସୁରକ୍ଷା ଓ ମାନକ (ଖାଦ୍ୟ ବ୍ୟବସାୟର ଲାଇସେନ୍ସ ଓ ପଞ୍ଜୀକରଣ) ନିୟମ, ୨୦୧୧ର ଅନୁସୂଚୀ-୪ ଅନୁଯାୟୀ ଖାଦ୍ୟ ବ୍ୟବସାୟୀଙ୍କ ପାଇଁ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କିତ ନିର୍ଦ୍ଦେଶ ଜାରି କରାଯାଇଛି । ଖାଦ୍ୟ ସାମଗ୍ରୀ କିଣିବା ବା ଏହାର ଉତ୍ସଠାରୁ ଆରମ୍ଭ କରି ଶେଷ ଗ୍ରାହକଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାରେ ନିର୍ଦ୍ଧାରିତ ତାପମାତ୍ରା ଓ ସ୍ୱଚ୍ଛତା ମାନଦଣ୍ଡ ପାଳନ କରିବା ବାଧ୍ୟତାମୂଳକ ।

# ଭାରତୀୟ ବିମାନ ପାଇଁ ପାକିସ୍ତାନ ଆକାଶପଥ ବନ୍ଦ

**ନୂଆଦିଲ୍ଲୀ,୧୮।୧୦:** ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ପାକିସ୍ତାନ ପୁଣି ଭାରତୀୟ ବିମାନ ପାଇଁ ନିଜ ଆକାଶପଥ ବନ୍ଦ ରଖିବାର ସମୟସୀମା ବଢ଼ାଇଛି। ଭାରତରେ ପଞ୍ଜୀକୃତ ବିମାନ ଏବଂ ଭାରତୀୟ ବିମାନ କମ୍ପାନୀର ବିମାନଗୁଡ଼ିକୁ ନିଜ ଆକାଶପଥରେ ପ୍ରବେଶ ଅନୁମତି ନଦେବା ନିଷ୍ପତ୍ତିକୁ ଆଉ ଏକ ମାସ ପାଇଁ ବଢ଼ାଇଛି ପାକିସ୍ତାନ। ଏବେ ଏହି କଟକଣା ୨୪ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏୟାରପୋର୍ଟସ୍ ଅଥରିଟି ପକ୍ଷରୁ ଜାରି କରାଯାଇଥିବା ଏକ ନୂତନ ବିଜ୍ଞପ୍ତି ଅନୁଯାୟୀ, ଏହି ପ୍ରତିବନ୍ଧକକୁ ଆଉ ଏକ ମାସ ପାଇଁ ବଢ଼ାଇ ଦିଆଯାଇଛି। ପିଏଏ ଶନିବାର ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦେଇଛି। ଏହି କଟକଣା କେବଳ ସାଧାରଣ ଯାତ୍ରୀବାହୀ ବିମାନ ପାଇଁ ନୁହେଁ, ବରଂ ସାମରିକ ବିମାନ ଉଡ଼ାଣ ପାଇଁ ମଧ୍ୟ ଲାଗୁ ହେବ। ନୂଆ ସମୟସୀମା ଅନୁଯାୟୀ ୨୪ ନଭେମ୍ବର ୨୦୨୬ ସକାଳ ୪ଟା ୫୯ ମିନିଟ୍ (ସ୍ଥାନୀୟ ସମୟ) ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଏହା ପରେ କଟକଣା ହଟିବ କିମ୍ବା ପୁଣି ବଢ଼ାଯିବ, ସେନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ। ଏହା ପାକିସ୍ତାନର ଉଭୟ କରାଚି ଏବଂ ଲାହୋରକୁ ସମ୍ପୂର୍ଣ୍ଣ ରୂପେ ବାରଣ କରିବ।

# ରାଜସ୍ଥାନ ହସ୍ପିଟାଲରେ ପ୍ରସବ ପରେ ୨ ମହିଳାଙ୍କ ମୃତ୍ୟୁ

**କୋଟା,୧୮।୧୦:** ରାଜସ୍ଥାନର କୋଟାସ୍ଥିତ ନ୍ୟୁ ମେଡିକାଲ କଲେଜ ହସ୍ପିଟାଲରେ ୨୪ ଘଣ୍ଟା ମଧ୍ୟରେ ଅସ୍ତ୍ରୋପଚାର ମାଧ୍ୟମରେ ସନ୍ତାନ ଜନ୍ମ ଦେଇଥିବା ଦୁଇ ମହିଳାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପରେ ପ୍ରସବ ପରବର୍ତ୍ତୀ ଜଟିଳତାକୁ ନେଇ ଚିନ୍ତା ବଢ଼ିଛି। ସୂଚନା ଅନୁସାରେ, ୪୦ ବର୍ଷୀୟ ରେଶମାଙ୍କର ଅକ୍ଟୋବର ୧୪ ତାରିଖରେ ଚତୁର୍ଥ ଥର ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ ହୋଇଥିଲା। ପରେ ତାଙ୍କର ବୃକକ୍ ?ଜନିତ ସମସ୍ୟା ଦେଖାଦେଇଥିଲା ଓ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ଚିକିତ୍ସାରେ ଅବହେଳା ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବାରାନ ଅଞ୍ଚଳର ରୋଶନ ବୈରଓ୍ୱାଙ୍କର ଶନିବାର ମୃତ୍ୟୁ ହୋଇଥିଲା। ତାଙ୍କର ରକ୍ତହୀନତା ସମସ୍ୟା ଥିବା ସହ ପ୍ରସବ ପରେ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ରକ୍ତ ଦିଆଯିବା ସତ୍ତ୍ୱେ ତାଙ୍କୁ ବଞ୍ଚାଇ ହୋଇନଥିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ରୋଶନଙ୍କ ମୃତ୍ୟୁର କାରଣ ବୃକକ୍ ସମସ୍ୟା ନୁହେଁ। ଉଲ୍ଲେଖଯୋଗ୍ୟ, ଗତ ମେ ମାସରେ ଏହି ହସ୍ପିଟାଲରେ ପ୍ରସବ ପରେ ୧୨ ମହିଳାଙ୍କ ବୃକକ୍ ସମସ୍ୟା ହୋଇଥିବାବେଳେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା।

# ପାକିସ୍ତାନ-ଆଫଗାନ ମଧ୍ୟରେ ଭୟଙ୍କର ଉତ୍ତେଜନା, ୭ ପାକ୍‌ସେନା ମୃତ

**ନୂଆଦିଲ୍ଲୀ,୧୮।୧୦:** ବିବାଦୀୟ ଡୁରାଣ୍ଡ ଲାଇନରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ସେନା ମଧ୍ୟରେ ତୀବ୍ର ସଂଘର୍ଷ ହୋଇଛି । ଏଥିରେ ୭ ଜଣ ପାକିସ୍ତାନୀ ଯବାନଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି। ଦୁଇ ଦେଶ ମଧ୍ୟରେ ଭୟଙ୍କର ସଂଘର୍ଷରେ ୭ ପାକ୍ ସେନାଙ୍କର ମୃତ୍ୟୁ ହୋଇଛି । ଆଫଗାନିସ୍ତାନର ପାକଟିଆ ପ୍ରଦେଶର ଦାଣ୍ଡ ପାଟାନ ଜିଲ୍ଲାରେ ଏହି ଯୁଦ୍ଧ ହୋଇଥିଲା। ଏହି ଅଞ୍ଚଳ ଖାର୍ଲାଚି ଫାଟକ ଏବଂ ଟପ୍ ସାର୍ ଏବଂ କୋଞ୍ଜ ଅଲି ସେକ୍ଟର ନିକଟରେ ଅବସ୍ଥିତ । ସୀମାରେ ସୁରକ୍ଷା ବ୍ୟବସ୍ଥା, ଆତଙ୍କବାଦୀଙ୍କ ଗତିବିଧି ଓ ସାମରିକ ଘାଟି ନିର୍ମାଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି । ସୂଚନା ଅନୁସାରେ, ମଧ୍ୟାହ୍ନ ସମୟରେ ଆଫଗାନିସ୍ତାନର ପାକ୍ଟିଆ ପ୍ରଦେଶର ଦାଣ୍ଡ ପାଟନ୍ ଅଞ୍ଚଳରେ ଦୁଇ ପକ୍ଷ ମଧ୍ୟରେ ଭୀଷଣ ଗୁଳିବିନିମୟ ଆରମ୍ଭ ହୋଇଥିଲା । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖରଲାଚି ଗେଟ୍ ସହ ଟପ୍ ସର୍ ଓ କୋଞ୍ଜ ଅଲି ଅଞ୍ଚଳରେ ମଧ୍ୟ ସଂଘର୍ଷ ହୋଇଥିଲା । ଏହି ଗୁଳିବିନିମୟ ଯୋଗୁଁ ସୀମାପାର ବାଣିଜ୍ୟ କାରବାର ବାଧାପ୍ରାପ୍ତ ହୋଇଛି। ସୀମା ନିକଟରେ ରହୁଥିବା ଲୋକମାନେ ଭୟଭୀତ ହୋଇ ନିଜ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇଥିବା ସୂଚନା ମିଳିଛି । ଆଫଗାନିସ୍ତାନର ସୁରକ୍ଷା ସୂତ୍ର ଅନୁସାରେ, ପାକିସ୍ତାନ ପକ୍ଷରୁ ଗୁଳିଚାଳନା କରାଯିବା ପରେ ଆଫଗାନ୍ ସେନା ଏହାର ଜବାବ ଦେଇଥିଲା। ପାକିସ୍ତାନ ସୀମା ନିକଟରେ ଅନୁମତି ନଥାଇ ନୂଆ ସାମରିକ ଆଉଟପୋଷ୍ଟ ନିର୍ମାଣ କରୁଥିବା ମଧ୍ୟ ଆଫଗାନିସ୍ତାନ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଲଢ଼େଇରେ ପାକିସ୍ତାନୀ ସୈନିକଙ୍କ ପ୍ରବଳ କ୍ଷତି ହୋଇଥିବା ଆଫଗାନ୍ ଦାବି କରିଛି ।

ଅନ୍ୟପଟେ, ପାକିସ୍ତାନୀ ଅଧିକାରୀମାନେ ଏହି ଘଟଣା ପାଇଁ ଆଫଗାନକୁ ଦାୟୀ କରିଛନ୍ତି। ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସମ୍ପର୍କ ଦୀର୍ଘ ଦିନ ଧରି



ତିକ୍ତ ରହିଛି। ବିଶେଷ କରି ସୀମାପାର ଆତଙ୍କବାଦୀଙ୍କ ଗତିବିଧିକୁ ନେଇ ଦୁଇ ଦେଶ ମଧ୍ୟରେ ବାରମ୍ବାର ବିବାଦ ଦେଖାଦେଉଛି।

# ଦିଲ୍ଲୀ କ୍ୟାପିଟାଲ୍ସର କୋଚ୍ ହେଲେ ଭାସ୍



ନୂଆଦିଲ୍ଲୀ,୧୮।୧୦; ଦିଲ୍ଲୀ କ୍ୟାପିଟାଲ୍ସ ଆଗାମୀ ଆଇପିଏଲ୍-୨୦ ପାଇଁ ଶ୍ରୀଲଙ୍କାର ପୂର୍ବତନ ପେସ୍ ବୋଲର ଚାମିଣ୍ଡା ଭାସ୍‌ଙ୍କୁ ଦଳର ନୂଆ ପେସ୍ ବୋଲିଂ କୋଚ୍ ନିଯୁକ୍ତ କରିଛି । ସେ ପ୍ରଥମ ଥର ଆଇପିଏଲ୍‌ରେ କୋଚ୍ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି । ଭାସ୍ ଖୁବଶୀଘ୍ର ସୌରଭ ଗାଙ୍ଗୁଲିଙ୍କ କୋଚିଂ ଟିମ୍ ଯୋଗଦେବେ । ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ନୂଆ ସିଜନ ପାଇଁ ଗାଙ୍ଗୁଲିଙ୍କୁ ମୁଖ୍ୟ ଏବଂ ଯୁବରାଜ ସିଂହଙ୍କୁ ସହକାରୀ ଓ ବ୍ୟାଟିଂ କୋଚ୍ ନିଯୁକ୍ତ କରିଥିଲା । ସେହିପରି ସ୍ପିନ ବୋଲିଂ କୋଚ୍ ଭାବେ ଅମିତ ମିଶ୍ରାଙ୍କୁ ଆଣିବା ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଯୋଜନା କରୁଥିବା ଜଣାପଡ଼ିଛି ।

ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଅଫିସିଆଲ୍ ସୋସିଆଲ୍ ମିଡିଆ ପୃଷ୍ଠାରେ ଏକ ଭିଡିଓ ଛାଡ଼ି ଭାସ୍‌ଙ୍କୁ ସ୍ୱାଗତ କରାଯାଇଛି । ଏହି ଭିଡିଓରେ ଭାସ ନିଜର ଅଭିଜ୍ଞତା ଓ ନୂଆ ଦାୟିତ୍ୱ ବିଷୟରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ, ମୁଁ ବୋଲରମାନଙ୍କୁ ସବୁବେଳେ ସ୍ୱାଧୀନତା ଦେଇ ଆସିଛି । ଆଗାମୀ ସିଜନରେ ଦଳରେ ସାମିଲ ଥିବା ପେସ୍ ବୋଲରମାନଙ୍କ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବି । ସେମାନଙ୍କର ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବି ।' ଭାସ୍ ପୂର୍ବରୁ ଶ୍ରୀଲଙ୍କା ଦଳର ପେସ୍ ବୋଲିଂ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ । ଆଇପିଏଲ୍‌ରେ ସେ ଡେକାନ ଚାର୍ଜର୍ସ (ଏବେ ସନ୍‌ରାଇଜର୍ସ ହାଇଦ୍ରାବାଦ) ପକ୍ଷରୁ ପ୍ରଥମ ୩ଟି ସିଜନ ଖେଳିଥିଲେ ।

କହି ରଖୁଛନ୍ତି କି, ଆଇପିଏଲ୍ ସିଜିନ ୨୦ ପାଇଁ ଏବେଠାରୁ ଫ୍ରାଞ୍ଚାଇଜ୍ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । କିଛି ଦିନ ତଳେ ଚେନ୍ନାଇ ସୁପର କିଙ୍ଗସ ଜାହିର୍ ଖାନଙ୍କୁ ହେଡ୍ କୋଚ୍ ନିଯୁକ୍ତ କରିଥିଲା । ମୋହିତ ଶର୍ମାଙ୍କୁ ବୋଲିଂ କୋଚ୍ କରିବା ନେଇ ଖବର ଆସିଥିଲା । ଏବେ ଦିଲ୍ଲୀ ବି ସମାନ ଭାବେ ପ୍ରସ୍ତୁତି ଆରମ୍ଭ କରି ଦେଇଛି । ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ନୂଆ ସିଜନ ପାଇଁ କିମ୍ବଦନ୍ତୀ କ୍ରିକେଟର ସୌରଭ ଗାଙ୍ଗୁଲିଙ୍କୁ ମୁଖ୍ୟ ଏବଂ ସିକ୍ସର କିଙ୍ଗ୍ ଯୁବରାଜ ସିଂହଙ୍କୁ ସହକାରୀ ଓ ବ୍ୟାଟିଂ କୋଚ୍ ନିଯୁକ୍ତ କରିଥିଲା । ଏବେ ଭାସ୍‌ଙ୍କୁ ବୋଲିଂ କୋଚ୍ ନିଯୁକ୍ତ କରିଛି । ଏ ୩ ଜଣିଆ ଟିମ୍ ଦିଲ୍ଲୀର ଭାଗ୍ୟ ବଦଳାଇ ପାରୁଛନ୍ତି କି ନାହିଁ ତାହା ଉପରେ କ୍ୟାପିଟାଲ୍ସ ଫ୍ୟାନ୍ସଙ୍କ ନଜର ।

## ୧୬ ହଜାର ରନ୍ କ୍ଲବରେ ବାବର

ମୁମ୍ବାଇ,୧୮।୧୦ : ବାବର ଆଜମ ଅନ୍ତର୍ଜାତୀୟ କ୍ରିକେଟରେ ୧୬୦୦୦ରନ୍ ପୂରା କରିଛନ୍ତି । ଏହି ସଂଖ୍ୟା ସେ ରବିବାର ୧୮ଅକ୍ଟୋବରରେ ଶ୍ରୀଲଙ୍କା ବିପକ୍ଷରେ ଖେଳିବା ସମୟରେ ଛୁଇଁଛନ୍ତି । ଟ୍ରାଇ ସିରିଜର ଏହି ପ୍ରଥମ ମ୍ୟାଚରେ ପାକିସ୍ତାନ ଶ୍ରୀଲଙ୍କା ସାମ୍ନାରେ ବିଜୟ ଲାଗି ୩୦୬ରନର ଲକ୍ଷ୍ୟ ରଖିଥିଲା । ସଲମାନ ଅଲୀ ଆଗା ଶାନଦାର୍ ଶତକୀୟ ପାଳି ଖେଳିଥିଲେ ।ପାକିସ୍ତାନ, ଶ୍ରୀଲଙ୍କା ଏବଂ ଇଂଲଣ୍ଡ ମଧ୍ୟରେ ଟ୍ରାଇ ନେଶନ ସିରିଜ ଚାଲୁ ରହିଛି । ପ୍ରଥମ ମ୍ୟାଚ୍ ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ହୋଇଛି ।

ଯେଉଁଥିରେ ପ୍ରଥମେ ବ୍ୟାଟିଂ କରି ପାକ୍ ଟିମ୍ ୩୦୫ରନ୍ କରିଥିଲା । ସଲମାନ ଅଲୀ ଆଗା ଶାନଦାର୍ ଶତକ ଯୋଡ଼ିଛନ୍ତି । ସେ ୯୦ବଲରେ ୧୦୭ରନ କରିଥିଲେ । ଏହି ପାଳିରେ ସେ ୧ ଛକ୍କା ଏବଂ ୧୦ ଚୌକା ମାରିଥିଲେ । ଏହା ପୂର୍ବରୁ ତୃତୀୟ ନମ୍ବରରେ ଆସିଥିବା ବାବର ଆଜମ ୪୫ରନର ପାଳି ଖେଳିଥିଲେ। ଯେଉଁଥିରେ ୬ ଚୌକା ଲଗାଇଥିଲେ। ସେ ନିଜ ଅର୍ଦ୍ଧଶତକରୁ ଦୂରେଇ ଗଲେ । କିନ୍ତୁ ଏହି ପାଳିରେ ୧୬୦୦୦ ଅନ୍ତର୍ଜାତୀୟ ରନର ସଂଖ୍ୟା ଛୁଇଁ ନେଇଛନ୍ତି ।

ବାବର ଆଜମ ପାକିସ୍ତାନର ପଞ୍ଚମ ଖେଳାଳୀ ହୋଇଛନ୍ତି । ଯିଏ ଅନ୍ତର୍ଜାତୀୟ କ୍ରିକେଟରେ ୧୬୦୦୦ ରନର ସଂଖ୍ୟା ଛୁଇଁଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ପାକିସ୍ତାନ ଲାଗି ସବୁଠାରୁ ଅଧିକ ରନ୍ କରିଥିବା ବ୍ୟାଟର ଇଞ୍ଜାମାମ ଉଲ ହକ୍ ଅଟନ୍ତି । ଯିଏ ୪୯୯ମ୍ୟାଚ୍ ଖେଳି ୫୫୧ପାଳିରେ ୨୦୫୮୦ରନ୍ କରିଛନ୍ତି ।

## ରୋହିତଙ୍କ ପାଇଁ ହୋଇପାରେ ଶେଷ ସୁଯୋଗ

ନୂଆଦିଲ୍ଲୀ,୧୮।୧୦: ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଭାରତ ଦିନିକିଆ ଟିମ୍ ଘୋଷଣା ହୋଇସାରିଛି। ରୋହିତ ଶର୍ମାଙ୍କୁ ମଧ୍ୟ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଟିମ୍‌ରେ ଚୟନ କରାଯାଇଛି। ଟିମ୍‌ରେ ଚୟନ କରାଯିବା ଦ୍ୱାରା ସ୍ପଷ୍ଟ ହୋଇପାରିଛି ଯେ, ନ୍ୟୁଜିଲାଣ୍ଡ ବିରୋଧରେ ହେବାକୁ ଥିବା ଓଡିଆଇ ସିରିଜ୍ ରୋହିତଙ୍କ ପାଇଁ ଶେଷ ସୁଯୋଗ। କିନ୍ତୁ କାହିଁକି ଏହାର କାରଣ ହେଉଛି ସମସ୍ତ ୪ଋଘଇ ଦେଶ (ଦକ୍ଷିଣ ଆଫ୍ରିକା,ଇଂଲଣ୍ଡ, ନ୍ୟୁଜିଲାଣ୍ହ ଓ ଅଷ୍ଟ୍ରେଲିଆ) ରେ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଭାରତୀୟ ଖେଳାଳିଙ୍କ ସହ ଜଡିତ। ଏପର୍ଯ୍ୟନ୍ତ କେବଳ ତିନି ଜଣ ଭାରତୀୟ ଏହି ସଫଳତା ହାସଲ କରିଛନ୍ତି, ସଚିନ ତେନ୍ଦୁଲକର, ବିରାଟ କୋହଲି ଏବଂ ଶିଖର ଧାୱନ। ଏହି କ୍ଲବରେ ସାମିଲ ହେବାକୁ ରୋହିତଙ୍କୁ ନ୍ୟୁଜିଲାଣ୍ଡରେ ଶତକ କରିବାକୁ ହେବ।

ରୋହିତ ଶର୍ମା ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆରେ ଏକଦିବସୀୟ ଶତକ ମାରିଛନ୍ତି, କିନ୍ତୁ ନ୍ୟୁଜିଲ୍ୟାଣ୍ଡରେ ତାଙ୍କର ଗୋଟିଏ ବି ଶତକ ନାହିଁ। ତେଣୁ, ଚଳିତ ଗସ୍ତରେ ପାଞ୍ଚଟି ଦିନିକିଆ ତାଙ୍କର ଶେଷ ସୁଯୋଗ ହେବ, କାରଣ ଏହା ତାଙ୍କ କ୍ୟାରିୟରର ଶେଷ ନ୍ୟୁଜିଲ୍ୟାଣ୍ଡ ଗସ୍ତ ହୋଇପାରେ। ରୋହିତ ଶର୍ମା ବର୍ତ୍ତମାନ ସୁଦ୍ଧା ୩୫ଟି ଦିନିକିଆ ଶତକ ହାସଲ କରି ସର୍ବାଧିକ ଶତକ ମାମଲାରେ ଭାରତ ପାଇଁ ତୃତୀୟ ସ୍ଥାନରେ ଅଛନ୍ତି । ପ୍ରଥମ ସ୍ଥାରେ ରହିଛନ୍ତି ବିରାଟ କୋହଲି। ସେ ୫୫ଟି ଶତକ କରିଛନ୍ତି। କୋହଲିଙ୍କ ପଛରେ ଅଛନ୍ତି ସଚିନ ତେନ୍ଦୁଲକର। ସେ ୪୯ ଟି ଦିନିକିଆ ଶତକ କରି ଦ୍ୱିତୀୟ ସ୍ଥାନରେ ରହିଚନ୍ତି। । ରୋହିତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଅନ୍ୟାନ୍ୟ ଦେଶରେ ଶତକ ମାରିଛନ୍ତି, କିନ୍ତୁ ନ୍ୟୁଜିଲ୍ୟାଣ୍ଡରେ ତାଙ୍କର ଏକ ସେଞ୍ଚୁରୀ ବାକି ରହିଛି।ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ନଭେମ୍ବର ୪ ରେ ଆରମ୍ଭ ହେବ, ଏବଂ ଶେଷ ମ୍ୟାଚ୍ ନଭେମ୍ବର ୧୫ ରେ ଖେଳାଯିବ। ରୋହିତ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରି ସେଠାକାର ପିଚ୍‌ରେ ଦିନିକିଆ ମ୍ୟାଚ୍ ଖେଳିଛନ୍ତି, କିନ୍ତୁ ସେଠାରେ ତାଙ୍କର ସର୍ବାଧିକ ସ୍କୋର ୮୭ ରନ୍ ରହିଛି, ସେ ୧୦୦ ରନ୍‌ରେ ପାର କରିପାରିନାହାନ୍ତି। ଏବେ ଏହା ଦେଖିବା ଆକର୍ଷଣୀୟ ହେବ ଯେ ରୋହିତ ଶର୍ମା ନ୍ୟୁଜିଲାଣ୍ଡରେ ଶତକ ପାଇଁ ତାଙ୍କ ଅପେକ୍ଷାର ଅନ୍ତ ଘଟାଇବେ କି ନାହିଁ ଏବଂ ସମସ୍ତ ସେନା ଦେଶରେ ଦିନିକିଆ ଶତକ ହାସଲ କରିବାରେ ଚତୁର୍ଥ ଭାରତୀୟ ହେବେ କି ନାହିଁ।

## ୨୩ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଲେ ବ୍ରେଣ୍ଡନ ଟେଲର

ଆବୁଧାବି,୧୮।୧୦: ଭେଟେରାନ ଉଇକେଟକିପର ବ୍ୟାଟର ବ୍ରେଣ୍ଡନ ଟେଲର ଜିମ୍ବାଓ୍ୱେ ପାଇଁ ଅନ୍ତର୍ଜାତୀୟ ଦିନିକିଆରେ ସର୍ବାଧିକ ରନ କରିବାର ରେକର୍ଡ କରିଛନ୍ତି।ବାଂଲାଦେଶ ବିପକ୍ଷ ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ୮୧ ରନର ଇନିଂସ୍ ଖେଳିବା ଅବସରରେ ସେ ଏହି ସଫଳତା ପାଇଛନ୍ତି। ୪୦ ବର୍ଷୀୟ ଟେଲର ୨୧୧ ଦିନିକିଆ ମ୍ୟାଚ୍‌ରେ ୬,୮୩୭ ରନ କରିଛନ୍ତି।ଏହି ରେକର୍ଡ ପୂର୍ବରୁ ଆଣ୍ଡି ଫ୍ଲାୱାର(୬,୭୮୬)ଙ୍କ ନାମରେ ଥିଲା। ମ୍ୟାଚ୍‌ରେ ଜିମ୍ବାଓ୍ୱେ ୨୪ ରନରେ ଟପ୍ ୩ ଉଇକେଟ ହରାଇବା ପରେ ଟେଲର ଓ କ୍ରେଗ ଏରଭିନଙ୍କ ମଧ୍ୟରେ ଚତୁର୍ଥ



ଉଇକେଟ ପାଇଁ ୧୫୦ ରନର ପାର୍ଟନରଶିପ ହୋଇଥିଲା, ଯାହାକି ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଜିମ୍ବାଓ୍ୱେ ୫୦ ଓଭରରେ ୮ ଉଇକେଟ ହରାଇ ୨୭୧ ରନ କରିଥିଲା। ଜବାବରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବାଂଲାଦେଶ ୧୭୨ ରନରେ ଅଲଆଉଟ୍ ହୋଇଯାଇଥିଲା।

## ଫିନେଷ୍ଟା ଓପନ୍ ଜାତୀୟ ଟେନିସ୍: ଖୁସିଙ୍କୁ ତ୍ରିମୁକୁଟ

ନୂଆଦିଲ୍ଲୀ: ଏଠାରେ ଆୟୋଜିତ ୩୧ତମ ଫିନେଷ୍ଟା ଓପନ୍ ଜାତୀୟ ଟେନିସ ପ୍ରତିଯୋଗିତାରେ ହରିୟାଣାର ଖୁସି କାଡିଆନ୍ ତ୍ରିମୁକୁଟ ହାସଲ କରିଛନ୍ତି। ସେ ୧୪ ଓ ୧୬ ବର୍ଷରୁ କମ୍ ବାଳିକା ଏକକ ସହ ଯୁଗଳରେ ବିଜେତା ହୋଇଥିଲେ। ୧୬ ବର୍ଷରୁ କମ୍ ଏକକ ଫାଇନାଲ୍‌ରେ ସେ ୭-୬, ୭-୫ ସେଟ୍‌ରେ ରାଜସ୍ଥାନର ରଞ୍ଜନା ସଂଗ୍ରାମଙ୍କୁ ପରାସ୍ତ କରିଥିଲେ। ସେହିପରି ୧୪ ବର୍ଷରୁ କମ୍‌ରେ ସେ ୬-୩, ୬-୨ ସେଟ୍‌ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ସିଦ୍ଧି ପାଣ୍ଡେଙ୍କୁ ହରାଇଥିଲେ। ୧୬ ବର୍ଷରୁ କମ୍ ବାଳିକା ଯୁଗଳରେ ସେ ଓ ତାଙ୍କ ସଂମିତା ହରିଣୀ ୬-୩, ୬-୩ ସେଟ୍‌ରେ ରଞ୍ଜନା ଓ ପୂର୍ବୀ ପତୱାଙ୍କୁ ମାତ୍ ଦେଇଥିଲେ। ବାଳକରେ ଚଣ୍ଡିଗଡ଼ର ରିଭବ ସରୋହା ମଧ୍ୟ ଯୁଗଳ ଟ୍ରଫି ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ଏକକରେ ସେ ୬-୨, ୬-୩ ସେଟ୍‌ରେ ଯଶ୍ୱିନ ଦାହିୟାଙ୍କୁ




ହରାଇଥିଲେ। ଗତ ସପ୍ତାହରେ ସେ ୧୮ ବର୍ଷରୁ କମ୍ ଏକକ ଟ୍ରଫି ହାତେଇଥିଲେ। ୧୪ ବର୍ଷରୁ କମ୍ ବାଳକ ଏକକରେ କର୍ଣ୍ଣାଟକର ପୁନିତ ମନୋହର ୬-୩, ୬-୨ ସେଟ୍‌ରେ ଏସ୍ ଚିନ୍ତାଗୁଣ୍ଟାଙ୍କୁ ହରାଇ ଟ୍ରଫି କରାୟତ୍ତ କରିଥିଲେ।

## ମେସିଙ୍କ ନାଁରେ ନାମିତ ହେଲା ବିରଳ ଉଦ୍ଭିଦ ପ୍ରଜାତି

ବୁଏନସଏୟାର୍ସ: ଆର୍ଜେଣ୍ଟିନାର ମହାନ ଫୁଟବଲର୍ ତଥା ୮ ଥର ବାଲନ୍ ଡି'ଓର୍ ବିଜେତା ଲିଓନେଲ ମେସିଙ୍କ ନାମରେ ନୂତନ ଭାବେ ଆବିଷ୍କୃତ ଉଦ୍ଭିଦ ପ୍ରଜାତିର ନାମକରଣ କରାଯାଇଛି। ବିଶ୍ୱ ଫୁଟ୍‌ବଲ୍‌ରେ ମେସିଙ୍କ ଅବଦାନ ପାଇଁ ପେରୁର ଆଣ୍ଡିଜ୍ ପର୍ବତମାଳାରେ ଦେଖାଯାଉଥିବା ଏହି ବିଶେଷ ଉଦ୍ଭିଦ ପ୍ରଜାତିର ନାଁ 'ସାଲଭିଆ ମେସି' ରଖାଯାଇ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇଛି ।ଏହି ଉଦ୍ଭିଦର ଅନୁବାଦ ଅର୍ଥ 'ମେସି ପ୍ଲାଣ୍ଟ' ବା ଓଡ଼ିଆରେ 'ମେସିଙ୍କ ଗଛ'। ଉଦ୍ଭିଦ ବିଜ୍ଞାନର ଆନ୍ତର୍ଜାତିକ ଲାଟିନ୍ ନାମକରଣ ନିୟମ ଅନୁଯାୟୀ, ମେସିଙ୍କ ନାଁ'ର ଶେଷ ଅକ୍ଷର ପରେ କେବଳ ଗୋଟିଏ 'ଆଇ' ଯୋଡ଼ାଯାଇଛି। ଏହି ଉଦ୍ଭିଦଟି ପୁଦିନା ଗଛ ପ୍ରଜାତିର। ଏହା ପ୍ରତିକୂଳ ପରିସ୍ଥିତିରେ ବଞ୍ଚିପାରେ। ଏପରକି ପାହାଡ଼ିଆ ତଥା ଶୁଷ୍କ ପଥର ଶଯ୍ୟାରେ ମଧ୍ୟ ବଞ୍ଚିପାରେ।

ତେବେ ଜଳବାୟୁ ପରିବର୍ତ୍ତନ ଏବଂ ଜଙ୍ଗଲ ନିଆଁ ଯୋଗୁଁ ଏହି ବିରଳ ଉଦ୍ଭିଦକୁ ସଂପ୍ରତି ବିପଦସଙ୍କୁଳ ଶ୍ରେଣୀଭୁକ୍ତ କରାଯାଇଛି। ନ୍ୟାସନାଲ ୟୁନିଭର୍ସିଟି ଅଫ୍ ସାନ୍ ମାର୍କସର ପ୍ରାକୃତିକ ଇତିହାସ ସଂଗ୍ରହାଳୟର ପଲ୍ ଗୋଞ୍ଜାଲେସ, ଆର୍ଜେଣ୍ଟିନାର ଗବେଷକ ରୋଲାଣ୍ଡୋ ଉରିଆ ଏବଂ ହୁଆରାଙ୍ଗୋ ନେଚରର ଜୀବବିଜ୍ଞାନୀ ଜିନ୍ କ୍ୟାପଚା-ରାମୋସଙ୍କ ନେତୃତ୍ୱରେ ଏହି ଉଦ୍ଭିଦର ସନ୍ଧାନ ମିଳିଥିଲା। ବେନିନ ବିପକ୍ଷ ବିଜୟୀ ମ୍ୟାଚ୍ ପରେ ଆର୍ଜେଣ୍ଟିନା ତାରକା ୩୯ ବର୍ଷୀୟ ମେସି ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ନେଇଥିଲେ। ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୩ ବିଶ୍ୱକପ୍ ଖେଳିଥିଲା ବେଳେ ୨୦୨୨ କତରରେ ବିଜେତା ହେବାର ଗୌରବ ପାଇଥିଲା। ଗତ ସଂସ୍କରଣରେ ଦଳ ଉପବିଜେତାରେ ସନ୍ତୁଷ୍ଟ ରହିଥିଲା।

## ବୈଭବଙ୍କୁ ଅପେକ୍ଷା କରିବାକୁ ପଡ଼ିବ: ଶ୍ରେୟସ

ବେଙ୍ଗାଲୁରୁ,୧୮।୧୦:ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଘରୋଇ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ଯୁବ ବ୍ୟାଟର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ମିଳିନାହିଁ। ଭାରତୀୟ ଅଧିନାୟକ ଶ୍ରେୟସ ଆୟର, ଏହି ଯୁବ ଖେଳାଳିଙ୍କୁ ଧୈର୍ଯ୍ୟ ରଖିବା ସହ ନିଜ ଖେଳ ଉପରେ ଆହୁରି ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି।

ବେଙ୍ଗାଲୁରୁରେ ଖେଳାଯାଉଥିବା ପଞ୍ଚମ ତଥା ଶେଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହେବାରୁ ଏହି ଶୃଙ୍ଖଳା ୨-୨ରେ ଡ୍ର' ରହିଥିଲା। ଏହି ଶୃଙ୍ଖଳାରେ ଅଭିଜ୍ଞ ଓପନର ସଞ୍ଜୁ ସାମ୍‌ସନ୍ ଓ ଅଭିଷେକ ଶର୍ମାଙ୍କ ଉପରେ ଦଳ ଭରସା କରିବାରୁ ବୈଭବଙ୍କୁ କୌଣସି ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନଥିଲା। ସେ ଶେଷ ଥର ପାଇଁ ପାକିସ୍ତାନ ବିପକ୍ଷ ଏସୀୟ କ୍ରୀଡ଼ା ଫାଇନାଲ୍‌ରେ ଖେଳିଥିଲେ। ସାମ୍‌ସନ୍ ୫ଟି ମ୍ୟାଚ୍‌ରେ ୧୬୮ ଏବଂ ଅଭିଷେକ ୧୪୫ ରନ୍ ସଂଗ୍ରହ କରିଥିଲେ। ଦୁହେଁ ଦୁଇଟି ଲେଖାଏଁ ଅର୍ଦ୍ଧଶତକ ହାସଲ କରିଥିବାରୁ ସୂର୍ଯ୍ୟବଂଶୀଙ୍କ ପାଇଁ ସ୍ଥାନ ପାଇବା କଷ୍ଟକର ହୋଇପଡ଼ିଥିଲା। ଶେଷ ମ୍ୟାଚ୍ ପରେ ଅଧିନାୟକ ଶ୍ରେୟସ କହିଛନ୍ତି, ''ବୈଭବଙ୍କୁ ସବୁବେଳେ କହୁଛି ଯେ ତୁମକୁ ସୁଯୋଗ ମିଳିବ। ତୁମେ ନିଜ ପ୍ରସ୍ତୁତି ଓ ମାନସିକତା ଠିକ୍ ରଖ, ତେବେ ସୁଯୋଗ ନ ମିଳିବା ନେଇ ଅଧିକ ଚିନ୍ତା କରିନି। ଏମିତି ଅପେକ୍ଷା କରିବାକୁ ହୁଏ। ଆମ ପାଖରେ ଦୁଇଜଣ ଭଲ ଓପନର ଅଛନ୍ତି। ଏମାନେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ ବି କରୁଛନ୍ତି''। ଏହି ଶୃଙ୍ଖଳା ପ୍ରଦର୍ଶନକୁ ନେଇ ଆୟର କହିଛନ୍ତି ଯେ, ଯଦି ଦ୍ୱିତୀୟ ଓ ଚତୁର୍ଥ ମ୍ୟାଚ୍‌ରେ



ବୋଲରମାନେ ୨୪୦ରୁ ଅଧିକ ରନ୍ ବ୍ୟୟ କରି ନଥାନ୍ତେ, ତେବେ ଫଳାଫଳ ଭିନ୍ନ ହୋଇଥାନ୍ତା। ତେବେ ସେ ବ୍ୟାଟିଂ ବିଭାଗକୁ ପ୍ରଶଂସା କରିବା ସହ ୱେଷ୍ଟଇଣ୍ଡିଜ୍ ଦଳ, ବିଶେଷ କରି ସାଇ ହୋପ୍‌ଙ୍କ ବ୍ୟାଟିଂକୁ ଶ୍ରେୟ ଦେଇଛନ୍ତି। ହୋପ୍ ୪ ପାଳିରେ ୨୬୧ ରନ୍ କରି ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଭାରତ ପାଇଁ ଏବେ ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳା ଆହ୍ୱାନପୂର୍ଣ୍ଣ ହେବ ବୋଲି ଶ୍ରେୟସ ପ୍ରକାଶ କରିଛନ୍ତି।

### ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ଉଦ୍‌ଯାପିତ

## ଯଦୁପୁର ବ୍ଲାଷ୍ଟରକୁ ହରାଇ ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦପ୍ରସାଦ ଚାମ୍ପିଅନ




ଖୋର୍ଦ୍ଧା,୧୮।୧୦: ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆ ରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ର ଆଜିର ଫାଇନାଲ ମ୍ୟାଚ୍ ରେ ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦପ୍ରସାଦ ଯଦୁପୁର ବ୍ଲାଷ୍ଟରସ୍ କୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି ।ଟସ୍ ରେ ବିଜୟ ଲାଭ କରି ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦପ୍ରସାଦ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭର ରେ ୦୮ ଟି ୱିକେଟ ହରାଇ ୧୬୯ ସଂଗ୍ରହ ରନ୍ କରିଥିଲା ।ଦଳ ପକ୍ଷରୁ ମହମ୍ମଦ ଏର୍ସାଦ ବିସ୍ଫୋରକ ବ୍ୟାଟିଂ କରି ୬୨ ରନ୍ ଓ ନିଖିଲ ନାୟକ ୫୨ ରନ ସଂଗ୍ରହ କରିଥିଲେ ।ଯଦୁପୁର ପକ୍ଷରୁ ବିକ୍ରମ ଦାସ ୩ ଟି ୱିକେଟ ହାସଲ କରିଥିଲେ ।ଜବାବ୍ ରେ ଯଦୁପୁର ଦଳ ଏମ୍ ଡି ତବ୍ରିଜ ଙ୍କ ୪୮ ରନ୍ ସହାୟତାରେ ୧୯.୫ ଓଭରରେ ୧୦ ଟି୍ୱକେଟ ହରାଇ ୧୬୪ରନ୍ ସଂଗ୍ରହ କରି ୦୫ ରନରେ ପରାସ୍ତ ହୋଇଥିଲା। ମୁକୁନ୍ଦପ୍ରସାଦ ପକ୍ଷରୁ ନିଖିଲ ନାୟକ ୨ ଟି ୱିକେଟ ଅକ୍ତିଆର କରିଥିଲେ। ଆଜିର ଫାଇନାଲ ମ୍ୟାଚ୍ ରେ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ,ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ,ଖୋର୍ଦ୍ଧା ଜିଲ୍ଲା ବିଜୁଜନତା ଦଳର କାର୍ଯ୍ୟ କାରି ସଭାପତି ମନ୍ମଥ ରାଉତରାୟ,ଓ ସି ଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ,ପ୍ରମୋଦ ରାଉତରାୟ, ଅସଲାମ ଖାନ୍, ଏମ୍ ଡି ଜରିଫ, ଏମ୍ ଡି ତବ୍ରୀଜ୍,ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ,ଯୁବ ସମାଜସେବୀ ଜିତେନ୍ଦ୍ର ପ୍ରଧାନ,ରଞ୍ଜନ ମଙ୍ଗରାଜ,ପୌରାଧ୍ୟକ୍ଷ କନକଲକ୍ଷ୍ମୀ ମହାନ୍ତି,ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବଦ୍ରିନାରାୟଣ ସାହୁ,ଦୀପକ ଗାନ୍ଧୀ, ରବିନାରାୟଣ ଜେନା, ଜିତେନ୍ଦ୍ର ଭଞ୍ଜ ପୁରସ୍କାର ବିତରଣୀ ଉତ୍ସବ ରେ ଯୋଗ ଦେଇଥିଲେ ।ମୁକୁନ୍ଦ ପ୍ରସାଦ ଦଳର ନିଖିଲ ନାୟକ ମ୍ୟାନ ଅଫ ଫାଇନାଲ ମ୍ୟାନ ଅଫ ଦ ସିରିଜ ଓ



ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ବିବେଚିତ ହୋଇଥିଲେ ।ଯଦୁପୁର ଦଳର ଜିତେନ୍ଦ୍ର ଦାସ ବେଷ୍ଟ ଅଲ୍ ରାଉଣ୍ଡର, ରାଜଦୀପ୍ ଏମର୍ଜିଂ ପ୍ଲେୟାର,ପ୍ରକାଶ କୁମାର ସାହୁ ବେଷ୍ଟ ସ୍କରର,ବେଷ୍ଟ ଅମ୍ପାୟର ସାନୁଜ ବିଶ୍ୱାଳ, ଅସିତ୍ ଶତପଥୀ,ପ୍ରଶାନ୍ତ ବେହେରା,ଜୟନ୍ତ ମାର୍ଥା ଓ ସୋଭାକର ପାତ୍ର,ଦୁଇ ଲାଇଭ ଷ୍ଟ୍ରିମର ଓ କମେଣ୍ଟେଟର ଭାବରେ ବୁଦ୍ଧଦେବ ମହାରଣା ଓ ରାଜେନ୍ଦ୍ର ବେହେରା ପୁରସ୍କୃତ ହୋଇଥିଲେ। ଆଜିର ମ୍ୟାଚ କୁ ଅସିତ ଶତପଥି ଓ ସାନୁଜ ବିଶ୍ୱାଳ ପରିଚାଳନା କରିଥିଲେ। ସୁଜିତ ପରିଡା, ତ୍ରିନାଥ ପରିଡା ଓ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମ୍ୟାଚ ସଂଯୋଜନା କରିଥିଲେ।

ଗତକାଲି ଅତିରିକ୍ତ ଦିବସ ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରେ ପ୍ରଥମେ ବ୍ୟାଟିଂ କରି ମୁକୁନ୍ଦପ୍ରସାଦ ଦଳ ୧୯.୨ ଓଭର ରେ ୧୦ଟି ୱିକେଟ ହରାଇ ୧୮୫ ସଂଗ୍ରହ ରନ୍ କରିଥିଲା। ଜବାବ୍ ରେ ଭାଲିଆବାଡ଼ି ଦଳ ଶୁଭେନ୍ଦୁ ପ୍ରଧାନ ଙ୍କ ୪୦ ରନ୍ ସହାୟତାରେ ୧୮.୫ ଓଭରରେ ୧୦ ଟି ୱିକେଟ ହରାଇ ୧୫୭ ରନ୍ ସଂଗ୍ରହ କରି ୨୮ ରନରେ ପରାସ୍ତ ହୋଇଥିଲା ଲ ରାଉଣ୍ଡ ପ୍ରଦର୍ଶନ କରିଥିବା ନିଖିଲ ନାୟକ ଙ୍କୁ ଅତିଥି ଏଚ୍ ଏଚ୍ ଟାଇମ୍ସ ର ପ୍ରୋପାଇଟର ଅବଦୁଲ ବାରି ଖାନ ଓ ମହିଳା କ୍ରିକେଟର ଦିବ୍ୟାଂଶି ପଣ୍ଡା ପୁରସ୍କୃତ କରିଥିଲେ। ମ୍ୟାଚ୍ କୁ ଅସିତ୍ ଶତପଥୀ, ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ।

## ସିରିଜ ଡ୍ର'ରେ ଖୁସିନୁହଁନ୍ତି ଆୟାର

ନୂଆଦିଲ୍ଲୀ,୧୮/୧୦; ଭାରତ ଓ ୱେଷ୍ଟ ଇଣ୍ଡିଜ ମଧ୍ୟରେ ଅନୁଷ୍ଠିତ ସିରିଜ ନିର୍ଣ୍ଣାୟକ ପଞ୍ଚମ ଟି-ଟ୍ୱେଣ୍ଟି ମୁକାବିଲା ବର୍ଷା ଯୋଗୁଁ ଅଧାରୁ ବାତିଲ ହୋଇ ଯାଇଛି । ଫଳରେ ଉଭୟ ଦଳ ଟ୍ରଫି ଭାଗ କରିଛନ୍ତି । ଶନିବାର ଦିନ ତମାମ ବେଙ୍ଗାଲୁରୁରେ ବର୍ଷା ହୋଇଥିଲା । ଟସରେ ବିଳମ୍ବ ହୋଇଥିଲା । ଶେଷରେ ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍ ୨-୨ରେ ଡ୍ର ହୋଇଥିଲା । ବେଙ୍ଗାଲୁରୁ ମ୍ୟାଚ୍ ଏହି ଫଳାଫଳ ସ୍ଥିର କରିଥିଲା । ସେଠାରେ ବର୍ଷା କେବଳ ମ୍ୟାଚର ମଜା ନଷ୍ଟ କରିନଥିଲା ବରଂ ଉଭୟ ଦଳକୁ ଟ୍ରଫି ବାଣ୍ଟିବାକୁ ବାଧ କରିଥିଲା । ଭାରତୀୟ



ଅଧିନାୟକ ଶ୍ରେୟସ ଆୟରଙ୍କ କହିବା ଅନୁଯାୟୀ, ସିରିଜ୍ ଡ୍ର ହେବାର କାରଣ ବର୍ଷା ନୁହେଁ ବରଂ ଅନ୍ୟ କିଛି ।ବେଙ୍ଗାଲୁରୁରେ ଟି-୨୦ ମ୍ୟାଚ୍ ବାତିଲ ହେବା ପରେ ଲାଗୁଥିଲା ଯେ ଶ୍ରେୟସ ଆୟାର ସିରିଜ୍ ଡ୍ରକୁ ନେଇ ଖୁସି ନୁହଁନ୍ତି । ତାଙ୍କ କହିବା ଅନୁଯାୟୀ, ଏହି ସିରିଜର ଫଳାଫଳ ଭଲ ହୋଇଥାନ୍ତା । ଏହି ସିରିଜ୍ ଟିମ୍ ଇଣ୍ଡିଆର ହୋଇଥାନ୍ତା। ଯଦି ସେହି ଭୁଲଗୁଡ଼ିକ ହୋଇନଥାନ୍ତା ଯାହା ଦ୍ୱିତୀୟ ଏବଂ ଚତୁର୍ଥ ଟି -୨୦ ରେ ଦେଖାଯାଇଥିଲା । ମୋଟା ମୋଟି ଭାବେ ସେ କହିବାକୁ ଚାହୁଁଛନ୍ତି ଯେ ବର୍ଷା ନୁହେଁ, ୨ଟି ମ୍ୟାଚରେ ପ୍ରଭାବହୀନ ବୋଲିଂ ସିରିଜ୍ ଡ୍ର କରିଥିଲା । ଏବେ ପ୍ରଶ୍ନ ଉଠୁଛି, ଦ୍ୱିତୀୟ ଓ ଚତୁର୍ଥ ଟି-୨୦ରେ କ'ଣ ହେଲା ବେଙ୍ଗାଲୁରୁ ଟି-୨୦ ବାତିଲ ହେବା ପରେ ଟିମ୍ ଇଣ୍ଡିଆ ଏହି ୨ଟି ଟି-୨୦ ମ୍ୟାଚ୍ ହାରିଥିଲା ଏବଂ ଏହାର କାରଣ ଥିଲା ସେମାନଙ୍କ ବୋଲିଂ । ଆୟର କହିଛନ୍ତି ଯେ, ଯଦି ଆମେ ଦ୍ୱିତୀୟ ଏବଂ ଚତୁର୍ଥ ଟି-୨୦ରେ ଭଲ ବୋଲିଂ କରିଥାନ୍ତେ ତେବେ ସିରିଜର ଫଳାଫଳ ଭଲ ହୋଇଥାନ୍ତା । ଆୟାରଙ୍କ ଅନୁଯାୟୀ, ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଡ୍ର ହେବାର କାରଣ ବେଙ୍ଗାଲୁରୁର ବର୍ଷା ଦ୍ୱିତୀୟ ଟି-୨୦ ଏବଂ ଚତୁର୍ଥ ଟି-୨୦ରେ ପ୍ରଭାବହୀନ ବୋଲିଂ ଠାରୁ କମ୍ ବୋଲି ମନେହୁଏ ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra** ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର